بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 25

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ଜୁନ୍ 2020 | 18 ଏହ୍‌ସାନ 1399 ହି.ଶ | 25 ଶୱାଲ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ الَّذِیۡنَ یَاۡکُلُوۡنَ
اَمۡوَالَ الۡیَتٰمٰی ظُلۡمًا اِنَّمَا
یَاۡکُلُوۡنَ فِیۡ بُطُوۡنِہِمۡ نَارًا ؕ
وَسَیَصۡلَوۡنَ سَعِیۡرًا ۝ (النساء:11)

ଅନୁବାଦ- ଏବଂ ଯେଉଁ ଲୋକମାନେ ଅତ୍ୟାଚାର- ପୂର୍ବକ ଅନାଥମାନଙ୍କର ସମ୍ପତିକୁ ଆତ୍ମସାତ୍ କରନ୍ତି, ସେମାନେ ନିଶ୍ଚୟ ନିଜ ଉଦର ମଧ୍ୟରେ କେବଳ ଅଗ୍ନି ଭର୍ତି କରନ୍ତି, ବରଂ ସେମାନେ ନିଶ୍ଚୟ ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କରିବେ ।

*(ଆଲେ ଇମରାନ୍: ୧୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥**

**ଯଦି ଖୁଦାତାଲାଙ୍କ ସହିତ ସଚ୍ଚା ସମ୍ପର୍କ ଏବଂ ଜୀବନ୍ତ ସଂଯୋଗ ସ୍ଥାପନ କରିବାକୁ ଚାହୁଁଛ ତେବେ ନମାଜକୁ ନିୟମିତ ପାଠକର ଏବଂ ଏପରି ପାଠକର ଯେ ନା କେବଳ ତୁମର ଶରୀର ଓ ଜିହ୍ୱା ବରଂ ତୁମ ଆତ୍ମାର ଇଚ୍ଛା ଓ ଅଭିଳାଷା ସବୁ କିଛି ସମ୍ପୂର୍ଣ୍ଣରୂପେ ନମାଜ ହୋଇଯାଉ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ସାଧନର ବ୍ୟବହାର ହେଉଛି ଦୁଆ (ପ୍ରାର୍ଥନ)ର ଏକ ଅଂଶ

ଶୁଣ ! ସେହି ଦୁଆ ଯାହାପାଇଁ **ଉଦ୍‌ଉନି ଅସ୍‌ତଜିବ୍‌ଲକୁମ୍** (ଅଲ୍‌ମୋମିନ୍:୬୧) କୁହାଯାଇଛି, ତା ପାଇଁ ଏହି ସତ୍‌ଆତ୍ମାର ଆବଶ୍ୟକତା ରହିଛି । ଯଦି ସେହି ଆକୁଳ ଓ ବିନମ୍ରତାର ଆତ୍ମା ନାହିଁ ତେବେ ତାହା ଟେଁ ଟେଁ ରୁ କମ୍ ନୁହେଁ । ପୁଣି କିଏ ଏକଥା କହିପାରେ ଯେ ସାଧନର ବ୍ୟବହାର ଜରୁରୀ ନୁହେଁ ? ଏହା ଏକ ଭ୍ରାନ୍ତ ଧାରଣା । ଶରିୟତ୍ ସାଧନ/ଉପକରଣକୁ ମନା କରିନାହିଁ । ସତ୍ୟ ହେଉଛି ଏହା କି କଣ ଦୁଆ ସାଧନ ନୁହେଁ ? ବା ସାଧନ ଦୁଆ ନୁହେଁ ? ସାଧନ ଖୋଜିବା ସ୍ୱୟଂ ଏକ ଦୁଆ ଏବଂ ଦୁଆ ସ୍ୱୟଂ ଏକ ମହାନ ସାଧନର ଶ୍ରୋତ/ଝରଣା ! ମଣିଷର ବାହ୍ୟିକ ଗଠନ ତା'ର ଦୁଇ ହାତ ଓ ଦୁଇ ଗୋଡ଼ର ନିର୍ମାଣ ଏପରି ହୋଇଛି, ସେଥିରେ ଆପୋଷରେ ସାହାଯ୍ୟ ସହଯାଗ କରିବାର ଏକ ପ୍ରାକୃତିକ ମାଗଦର୍ଶନ ମିଳୁଛି । ଯେବେ ଏ ଦୃଶ୍ୟ ଖୁଦ୍ ମଣିଷଠାରେ ବିଦ୍ୟମାନ, ତେବେ ପୁଣି କେଡ଼େ ଆଶ୍ଚର୍ଯ୍ୟର କଥା ଯେ ସେ **ଓ୍ୱ ତାଆଓ୍ୱନୁ ଅଲଲ୍ ବିର୍‌ରି ଓ୍ୱତ୍ ତକ୍‌ଓ୍ୱା** (ଅଲ୍‌ମାଏଦାଃ:୩)ର ଅର୍ଥ ବୁଝିବାକୁ କଷ୍ଟକର ମଣୁଛି ।

ହଁ ! ମୁଁ କହି ରଖୁଛି ଯେ ସାଧନର ଅନ୍ୱେଷଣ ମଧ୍ୟ ଦୁଆ ଜରିଆରେ କର !!! ଆପୋଷରେ ସାହାଯ୍ୟ ସହଯୋଗ କରିବା ବିଷୟରେ ମୁଁ ଭାବୁନାହିଁ ଯେ, ଯେବେ ମୁଁ ତୁମକୁ ତୁମ ଶରୀରରେ ଅଲ୍ଲାଃଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ସିଲ୍‌ସିଲା ଓ ପୂର୍ଣ୍ଣ ମାର୍ଗଦର୍ଶନର ସିଲ୍‌ସିଲାକୁ ଦେଖାଇଛି, ତାହାକୁ ତୁମେ ଅସ୍ୱୀକାର କରିଦେବ ବୋଲି ଅଲ୍ଲାଃ ତାଲା ଏକଥାକୁ ଆହୁରି ମଧ୍ୟ ସ୍ପଷ୍ଟରୂପେ ବ୍ୟାଖ୍ୟା କରି ଦୁନିଆ ଉପରେ ଖୋଲାଖୋଲି ଅମ୍ବିୟା ଆ:ସଙ୍କର ଏକ ସିଲ୍‌ସିଲା ପୃଥିବୀରେ କାଏମ୍ କରିଛନ୍ତି । ଅଲ୍ଲାଃ ତାଲା ଏହା କରିବା ପାଇଁ ସମର୍ଥ ଥିଲା ଓ ସମର୍ଥ ଅଛି ଯେ ଯଦି ଚାହିଁଥାନ୍ତେ ତେବେ କୌଣସି ପ୍ରକାରର ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ସେହି ରସୁଲ୍‌ମାନଙ୍କୁ କରିନଥାନ୍ତେ । କିନ୍ତୁ ପୁଣି ଏପରି ଏକ ସମୟ ଆସିଛି ଯେ **ମନ୍ ଅନ୍‌ସାରି ଇଲଲ୍ଲାହି** (ଅସ୍‌ସଫ୍:୧୫) କହିବାକୁ ସେମାନେ ବାଧ୍ୟ ହୋଇଛନ୍ତି । ଅର୍ଥାତ: ଅଲ୍ଲାଃଙ୍କ (ସମୀପର ଲାଭ କରିବା) କାର୍ଯ୍ୟ ଗୁଡ଼ିକରେ କିଏ ଆମର ସାହାଯ୍ୟକାରୀ ହେବ ? କଣ ସେହି ଅବତାରମାନେ ଏମିତି ମାଗିଛନ୍ତି, ଯେମିତି ଜଣେ ଭିକାରୀ ଦ୍ୱାର ଦ୍ୱାର ବୁଲି ରୁଟି ଖଣ୍ଡ ମାଗିଥାଏ ? ନୁହେଁ ! ଅଲ୍ଲାଃଙ୍କ କାର୍ଯ୍ୟଗୁଡ଼ିକରେ କିଏ ଆମର ସାହାଯ୍ୟକାରୀ ହେବ ? କହିବାରେ ମଧ୍ୟ ଏକ ମହିମା ରହିଛି । ସେମାନେ ପୃଥିବୀବାସୀଙ୍କୁ ସାଧନର ସୁବ୍ୟବହାର ଶିଖାଇବାକୁ ଚାହୁଁଛନ୍ତି, ଯାହା ଦୁଆର ଏକ ଦୃଷ୍ଟିକୋଣ । ନଚେତ ଅଲ୍ଲାଃ ତାଲାଙ୍କ ଉପରେ ସେମାନଙ୍କର ଅଟଳ ବିଶ୍ୱାସ, ତାହାଙ୍କ ପ୍ରତିଶୃତି ଉପରେ ପୁର୍ଣ୍ଣ ବିଶ୍ୱାସ ରହିଛି । ସେମାନେ ଜାଣିଛନ୍ତି ଯେ ଅଲ୍ଲାଃ ତାଲାଙ୍କର ଏହି ବଚନ ଅର୍ଥାତ **ଇନ୍ନା ଲନନ୍‌ସୁରୁ ରୁସୁଲନା ଓ୍ୱଲ୍‌ଲଜିନା ଆମନୁ ଫିଲ୍ ହୟାତିନ୍ ଦୁନ୍‌ୟା** (ଅଲ୍‌ମୁମିନ୍:୫୨) ହେଉଛି ନିଶ୍ଚିତ ଓ ଅଟଳ ବଚନ । ମୁଁ କହୁଛି ଯେ ଯଦି ଖୁଦାତାଲା କାହା ମନରେ ସାହାଯ୍ୟ କରିବାକୁ ଖିଆଲ ନ ରଖେ ତେବେ କାହିଁକି କିଏ ସାହାଯ୍ୟ କରିପାରେ..... ଯେ ପର୍ଯ୍ୟନ୍ତ ମନୁଷ୍ୟ ସମ୍ପୂର୍ଣ୍ଣରୂପେ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ନ ହୋଇଯାଇଛି, ତାହା ଦ୍ୱାରା ଇସ୍‌ଲାମ୍‌ର ପ୍ରେମ ଓ ସମ୍ମାନ ପ୍ରତିଷ୍ଠା ହୁଏ ନାହିଁ । ପୁଣି ମୁଁ ଅସଲ କଥାକୁ ଫେରି କହୁଛି ଯେ ନମାଜର ମଜା ଓ ଆନନ୍ଦ ତାକୁ ହାସଲ ହୋଇପାରିବ ନାହିଁ । ସମସ୍ତ ଆଧାର ଏହା ଉପରେ ରହିଛି ଯେ ଯେପର୍ଯ୍ୟନ୍ତ ଖରାପ ଚିନ୍ତାଧାରା, ଅପବିତ୍ର ଓ କୁଯୋଜନା ସବୁ ଭସ୍ମ ନ ହୋଇଛି, ସେ ପର୍ଯ୍ୟନ୍ତ ଖୁଦାଙ୍କ ସଚ୍ଚା ଭକ୍ତ ବୋଲାଇପାରିବ ନାହିଁ । ପୂର୍ଣ୍ଣ ଭକ୍ତିତ୍ୱ ଶିଖାଇବା ପାଇଁ ଉତମ ଶିକ୍ଷକ ଏବଂ ସର୍ବୋତମ ମାଧ୍ୟମ ହେଉଛି ନମାଜ ।

ମୁଁ ପୁଣି ତୁମକୁ ବତାଉଛି ଯେ ଯଦି ଖୁଦାତାଲାଙ୍କ ସହିତ ସଚ୍ଚା ସମ୍ପର୍କ ଏବଂ ଜୀବନ୍ତ ସଂଯୋଗ ସ୍ଥାପନ କରିବାକୁ ଚାହୁଁଛ ତେବେ ନମାଜକୁ ନିୟମିତ ପାଠକର ଏବଂ ଏପରି ପାଠକର ଯେ ନା କେବଳ ତୁମର ଶରୀର ଓ ଜିହ୍ୱା ବରଂ ତୁମ ଆତ୍ମାର ଇଚ୍ଛା ଓ ଅଭିଳାଷା ସବୁ କିଛି ସମ୍ପୂର୍ଣ୍ଣରୂପେ ନମାଜ ହୋଇଯାଉ ।

ନିରୀହ ଅମ୍ବିୟାମାନଙ୍କର ଏହା ହିଁ ରହସ୍ୟ ଅର୍ଥାତ ନବି କାହିଁକି ନିରୀହ ହୋଇଥାନ୍ତି ? ଏହାର ଉତର ହେଉଛି ଯେ ସେମାନେ ଈଶ୍ୱରପ୍ରେମରେ ବୁଡ଼ି ରହିବା ଯୋଗୁଁ ନିରୀହ ହୋଇଥାନ୍ତି । ମୁଁ ଯେତେବେଳେ ସେହି ଜାତିକୁ ଦେଖେ ଆଶ୍ଚର୍ଯ୍ୟ ହୁଏ ଅର୍ଥାତ ଯେଉଁମାନେ ସିର୍କରେ ଲିପ୍ତ ରହିଛନ୍ତି ଯେମିତି ହିନ୍ଦୁ, ଯେଉଁମାନେ କିସମ କିସମର ମୂର୍ତୀ ପୂଜା କରୁଛନ୍ତି ଏପରି କି ସେମାନେ ମହିଳା ଓ ପୁରୁଷମାନଙ୍କ ବିଶେଷ ଅଙ୍ଗଗୁଡ଼ିକୁ ମଧ୍ୟ ପୁଜା କରିବାକୁ ଉଚିତ ମଣୁଛନ୍ତି ଏବଂ ସେହିପରି ଯେଉଁ ଲୋକମାନେ ଗୋଟିଏ ମଣିଷର ଲାଶ୍‌କୁ ଅର୍ଥାତ ଯସୁ ମସିହ୍‌ଙ୍କର ପୂଜା କରୁଛନ୍ତି । ଏହି ପ୍ରକାରର ଲୋକମାନେ ବିଭିନ୍ନ ରୂପରେ ମୁକ୍ତି ଓ ମୋକ୍ଷ ପାଇବାର ବିଶ୍ୱାସ ରଖିଛନ୍ତି ଉଦାହରଣ ସ୍ୱରୂପ ପ୍ରଥମ ସମ୍ପ୍ରଦାୟକୁ ନିଆଯାଉ ହିନ୍ଦୁମାନେ ଗଙ୍ଗାସ୍ନାନ, ତୀର୍ଥଯାତ୍ରା ଓ ଅନେକ ପ୍ରକାରର କଫାରା ଦ୍ୱାରା ପାପରୁ ମୁକ୍ତି ଚାହୁଁଛନ୍ତି ଏବଂ ଇସାକୁ ପୂଜୁଥିବା ଲୋକମାନେ ଇସାଇ ମସିହଙ୍କ ହତ୍ୟାକୁ ନିଜ ପାପର ଫିଦିଆ (ପ୍ରତିବଦଳ) ଅଭିହିତ କରୁଛନ୍ତି । କିନ୍ତୁ ମୁଁ କହି ରଖେ ଯେ, ଯେ ପର୍ଯ୍ୟନ୍ତ ପାପର ସତା ବାକି ରହିଛି, ସେମାନେ କିପରି ବାହ୍ୟ ପରିସ୍କାର ଏବଂ ବାହ୍ୟ ଆସ୍ଥାରୁ ଆରାମ୍ ଓ ସନ୍ତୁଷ୍ଟି ପାଇପାରିବେ । ଯେପର୍ଯ୍ୟନ୍ତ ଅନ୍ତଃପରିସ୍କାର ଏବଂ ଅନ୍ତ ପବିତ୍ରତା ନ ହୋଇଛି ଏହା ଅସମ୍ଭବ ଯେ ମଣିଷ ସଚ୍ଚା ପବିତ୍ରତା ଯାହା ମଣିଷକୁ ମୋକ୍ଷ ଦ୍ୱାରା ପ୍ରାପ୍ତ ହୋଇଥାଏ, ତାହା ପାଇପାରିବ । ହଁ ଏଥିରୁ ଏକ ଶିକ୍ଷା ନିଅ । ଯେମିତି ଦେଖନ୍ତୁ ଶରୀରର ମଇଳା ଓ ଦୁର୍ଗନ୍ଧ ସଫା ନ କଲେ ତାହା ଦୂର ହୋଇପାରେ ନାହିଁ ଓ ବିପଦପୂର୍ଣ୍ଣ ରୋଗରୁ ବଂଚାଇପାରେ ନାହିଁ । ସେହିପରି ଆଧାତ୍ମିକ ଅସନା ଓ ମଇଳା ଯାହା ଅପବିତ୍ରତା ଓ ଭଳି ଭଳିକା ଧୃଷ୍ଟତା ଦ୍ୱାରା ଜମା ହୋଇ ରହିଥାଏ ତାହା ସେ ପର୍ଯ୍ୟନ୍ତ ଦୂର ହୋଇପାରେ ନାହିଁ ଯେ ପର୍ଯ୍ୟନ୍ତ ତୌବାଃର ପରିସ୍କାର ଏବଂ ପବିତ୍ର ପାଣି ତାକୁ ନ ଧୋଇ ଦେଇଛି । ଯେମିତି ଶାରିରୀକ ସିଲ୍‌ସିଲାରେ ଏକ ଦର୍ଶନ ରହିଛି ସେମିତି ଆଧାତ୍ମିକ ସିଲ୍‌ସିଲାରେ ଏକ ଦର୍ଶନ ରଖାଯାଇଛି । ସେହି ଲୋକମାନଙ୍କୁ ଶୁଭେଚ୍ଛା, ଯେଉଁମାନେ ଏହା ଉପରେ ଚିନ୍ତନ ଓ ମନନ କରୁଛନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୪୬-୧୪୯ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅନେକ ଫିର୍କା ତେଣୁ ଏହିପରି ଧର୍ମ ଆଗକୁ ଆଗକୁ ବାଂଟି ହୋଇଯାଇଛି ।

ହଜୁର ଅନଓ୍ଵର ଅ:ବ:ଅ କହିଲେ ଅଷ୍ଟ୍ରେଲିଆରେ ଗୋଟିଏ ସ୍ଥାନରେ ଗୋଟିଏ ମିଟିଙ୍ଗ ରଖାଯାଇଥିଲା । ସେଠାରେ ଇସାଇ ଚର୍ଚ୍ଚର ଲୋକମାନଙ୍କ ସହିତ ଇସ୍‌ଲାମ୍‌ରେ ଥିବା ଫିର୍କାମାନଙ୍କ ସମ୍ବନ୍ଧରେ କଥା ହେଲି ଜଣେ ବନ୍ଧୁ କହିବାକୁ ଲାଗିଲେ ଯେ, ଆମେ ତିନିଗୋଟି ଭିନ୍ନ ଭିନ୍ନ ଚର୍ଚ୍ଚର ଲୋକମାନେ ଏଠାରେ ବସିଛୁ । ଆମେ ଏଠାରେ ଏକ ଅଛୁ କିନ୍ତୁ ବାହାରକୁ ଯିବାପରେ ଆମେ ଅଲଗା ଅଲଗା ହୋଇଯିବୁ । ହଜୁର ଅନଓ୍ଵର ଅ:ବ:ଅ କହିଲେ ଯଦି ଆପଣମାନେ ମାନବିୟ ସମ୍ମାନକୁ ବୁଝିବେ ଓ ଜଣେ ଅନ୍ୟଜଣକର ସମ୍ମାନ କରିବେ ତେବେ ଖୁଦାତାଲାଙ୍କୁ ମଧ୍ୟ ଚିହ୍ନିପାରିବେ ଏଥିରେ ସେ ମହାଶୟ କହିଲେ ଯେ, ମୁଁ ହଜୁର ଅନଓ୍ଵର ଅ:ବ:ଅଙ୍କ ଏକଥାରେ ସହମତ ପ୍ରକାଶ କରୁଅଛି ।

ଜର୍ଜିଆର ଜଣେ ଅଣ ମୁସଲିମ୍ ଅତିଥି ଏକଥା ପ୍ରକାଶ କଲେ ଯେ, ସେ ଏସିଆର ଲୋକମାନଙ୍କୁ ଓ ବିଶେଷରୂପେ ମୁସଲମାନମାନଙ୍କୁ ବହୁତ ଭୟ କରୁଥିଲେ ଓ ଆଶା ରଖିନଥିଲେ ଯେ, ଏଠାରେ ଯେଉଁ ଲୋକମାନେ ଅଛନ୍ତି ଏତେ ଶାନ୍ତିପ୍ରୀୟ ଓ ଅତିଥି ପରାୟଣ ହୋଇଥିବେ ବୋଲି । ପୁଣି ସେ କହୁଛନ୍ତି ଯେ, ଏତେ ଭିଡ଼ ହେବା ସତ୍ୱେ ମଧ୍ୟ ଲୋକମାନଙ୍କୁ ଠେଲାପେଲା ହେବାର ବା ଜଣେ ଅନ୍ୟଜଣକ ଉପରେ ଚିତ୍କାର କରିବାର ଦେଖିନାହିଁ । ଏହି ସବୁ ଚରିତ୍ର ଓ ନୈତିକତା ବଦଳରେ ଆପଣଙ୍କ ଯମାତ୍ ଏତେମାତ୍ରାରେ ସୁଦୃଢ଼ ହୋଇପାରିଛି ।

ଜର୍ଜିଆରୁ ୟୁନିଭରସିଟିର ଜଣେ ବିଦ୍ୟାର୍ଥି Georgio Rashwabze ମଧ୍ୟ ଜଲସାରେ ସାମିଲ ହୋଇଥିଲେ । ସେ ହେଉଛନ୍ତି ଜଣେ ଇମାମ୍‌ଙ୍କ ପୁତୁରା ଯିଏ ଗତବର୍ଷ ଜଲସାରେ ସାମିଲ ହୋଇଥିଲେ । ସେହି ଇମାମ୍ ସାହେବ ଜଣଙ୍କ ଜଲସାରୁ ଲେଉଟିଯିବାପାରେ ତାଙ୍କୁ ଏ ଜଲସାରେ ଆସିବାପାଇଁ ଉପଦେଶ ଦେଇଥିଲେ । ସେହି ଛାତ୍ରଜଣକ ପୁଣି କହୁଛନ୍ତି ଯେ, ମୁଁ ନାମକୁ ମାତ୍ର ମୁସଲମାନ କିନ୍ତୁ ଏବେ ଜଲସାରେ ସାମିଲ ହେବାପରେ ଇମାମ୍ ଯମାତ୍ ଅହେମଦୀୟାଙ୍କ ପ୍ରେମ ଓ ସ୍ନେହକୁ ଦେଖିବାପରେ ମୁଁ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଆହୁରି ଅଧିକ ଅଧ୍ୟୟନ କରିବି ।

ଜଲସାରେ ତାଙ୍କର ମୋବାଇଲଟି ହଜିଯାଇଥିଲା । ଯେତେବେଳେ ଫୋନ୍ କଲେ ତାକୁ ଜଣେ ଅହେମଦୀ ଉଠାଇଲେ ଓ ସେହି ମୋବାଇଲଟି ତାଙ୍କୁ ମିଳିଗଲା । ଏହା ତାଙ୍କ ଉପରେ ବହୁତ ସକାରାତ୍ମକ ପ୍ରଭାବ ପଡ଼ିଲା ଯେ, ସେ ଏହି ଯମାତ୍‌ରେ ପ୍ରତିକ୍ଷେତ୍ରରୁ ସୁରକ୍ଷିତ ଅଛନ୍ତି । ଜର୍ଜିଆରୁ ଜଣେ ଓକିଲ ଓ ୟୁନିଭରସିଟିର ଲେକ୍‌ଚାରାର୍ Temor Shengelaya ସାହେବ ପ୍ରଥମଥର ପାଇଁ ଜଲସାର ସାମିଲ ହୋଇଥିଲେ ଏବଂ ବହୁତ ପ୍ରଭାବିତ ହେଲେ । ବୟତ ଉତ୍ସବ ପରେ ବାରମ୍ବାର ଏକଥା ସେ କହୁଥିଲେ ଯେ, ଏହା ହେଉଛି ଏକ ଚମତ୍କାର, ଏହା ହେଉଛି ଏକ ଚମତ୍କାର । ପୁଣି ସେ କହିଲେ ଏ ଯମାତ୍‌ରେ ଆପୋଷ ପ୍ରେମଭାବ ବହୁତ ମାତ୍ରାଧିକ ରହିଛି । ବିଶେଷ ରୂପେ ମୁଁ ଦେଖିବାକୁ ପାଇଲି ଯେ, ଆପଣମାନଙ୍କ ଚେହେରାରେ ସର୍ବଦା ହସ ଫୁଟୁଥିଲା ।

ଆଉଜଣେ ଅତିଥି କହିଲେ ଯେ, ମୁଁ ମଧ୍ୟ ଜର୍ଜିଆର ଗୋଟିଏ ମସ୍‌ଜିଦ୍‌ରେ ଇମାମ୍ ଅଛି । ଜର୍ଜିଆରେ ବହୁତ ଗୁଡ଼ିଏ ଜାତି ଓ ସମ୍ପ୍ରଦାୟ ର ଲୋକମାନେ ବସବାସ କରୁଛନ୍ତି । ମୋର ସମ୍ବନ୍ଧ ଅଜର୍ ଭାଇଜାନଙ୍କ ସହିତ ରହିଛି ଆମର ଯେଉଁ ଇସ୍‌ଲାମ୍ ଅଛି ତାହା ଅନ୍ୟମାନଙ୍କଠାରୁ ଭିନ୍ନ ଇସ୍‌ଲାମ୍ ହେଉଛି ଶାନ୍ତି ଓ ସୌହାର୍ଦ୍ଦ୍ୟର ଧର୍ମ । ଆଜିକାଲି ମୁସଲମାନଙ୍କର ଯେଉଁ ଅବସ୍ଥା ରହିଛି ତାହା ଏକଥାକୁ ଜାହିର୍ କରୁଛି ଯେ, ଅହେମଦୀମାନଙ୍କର ଯେଉଁ ଦୃଷ୍ଟିକୋଣ ଅଛି ତାହାକୁ ଆପଣାଇ ନିଆଯାଉ । ଆଜିକାଲି Radicalism ଏବଂ Extremism ବହୁତ ବଢ଼ିଯାଇଛି । ଏହିଭଳି ପରିସ୍ଥିତିରେ ଅହେମଦୀମାନେ ଯେଉଁ କନ୍‌ଫରେନ୍ସ ଅନୁଷ୍ଠିତ କରୁଛନ୍ତି ଏବେ ଦୁନିଆରେ ତାର ଆବଶ୍ୟକତା ଆହୁରି ଅଧିକା ହୋଇଯାଇଛି । ଆମେ ଖଲିଫତୁଲ୍ ମସିହିଲ୍‌ଙ୍କର ସବୁ ଭାଷଣଗୁଡ଼ିକୁ ଶୁଣିଛୁ । ଆମେ ଏକଥା ଅନୁଭବ କଲୁ ଯେ, ଯାହା ଖଲିଫତୁଲ୍ ମସିହିଲ୍ ବର୍ଣ୍ଣନା କଲେ ସାରା ଦୁନିଆକୁ ତାହା ବତାଇବାର ଆବଶ୍ୟକତା ରହିଛି ।

ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ ଆମେ କେବଳ ସେହି ଗୋଟିଏ ଇସ୍‌ଲାମ୍‌କୁ ଜାଣିଛୁ । ଯାହାକୁ ଖୁଦାତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ପବିତ୍ର କୁର୍‌ଆନ୍ ରୂପରେ ଅବତୀର୍ଣ୍ଣ କରିଛନ୍ତି । ଆମେ ସେହି ଇସ୍‌ଲାମ୍‌କୁ ଜାଣିଛୁ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ନତ ଏବଂ ଆହାଦିସ୍ ଓ ରିଓ୍ଵାୟାତରୁ ପ୍ରମାଣିତ ରହିଛି । ଆମ ନିକଟରେ ଅସଲ ଏବଂ ବାସ୍ତବିକ ଇସ୍‌ଲାମ୍ ହେଉଛି ଏହା । ଏତଦ୍‌ବ୍ୟତିତ ଅନ୍ୟ କୌଣସି ଦ୍ୱିତୀୟ ଇସ୍‌ଲାମ୍ ନାହିଁ । ବାକି ରହିଲା ହନ୍‌ଫି, ମାଲିକି, ଶାଫିଇ, ହମ୍ବଲି ଫିର୍କା ଅଛନ୍ତି । ପ୍ରକୃତରେ ଇସ୍‌ଲାମ୍ ହେଉଛି ଏହା କି, ଏକ ଈଶ୍ୱର, ଏକ ନବୀ, ଏବଂ ଏକ କୁର୍‌ଆନ୍‌କୁ ମାନିବା ଓ ତାହାର ଶିକ୍ଷା ମୁତାବକ ପରିଚାଳିତ ହେବା ।

ହଜୁର ଅନଓ୍ଵର ଅ:ବ:ଅ କହିଲେ ଅଲ୍ଲାଃ ତାଲା ପୂର୍ନ ଶରିୟତ୍ ନିମନ୍ତେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପ୍ରେରଣ କଲେ ଓ ଆପଣଙ୍କ ଉପରେ ଏହି ଶରିୟତ୍ (ଧର୍ମ ବିଧାନ) ସମ୍ପୁର୍ଣ୍ଣ ହେଲା । ପରେ ଗୋଟିଏ ଅନ୍ଧକାରମୟ ଯୁଗରେ ଏଥିରେ ବିଗାଡ଼ ସୃଷ୍ଟି ହୋଇଗଲା । ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆପଣ ସ:ଆ:ସଙ୍କ ଦାସତ୍ୱରେ ଏହି ଶେଷଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃ ପ୍ରେରଣ କଲେ । ଯଦ୍ୱାରା ସେ ଇସ୍‌ଲାମ୍‌ର ଶିକ୍ଷାକୁ ପୁର୍ନଜିବୀତ କରାଇବେ ଓ ଦୁନିଆକୁ ବତାଇବେ ଯେ, ଖୁଦାତାଲାଙ୍କର ଅଧିକାର କିଭଳି ପ୍ରଦାନ କରିବାକୁ ହେବ । ଅତଏବ୍ ଆଁ ହଜ୍‌ରତ୍ ସ:ଆ:ସ ଦୁନିଆକୁ ଇସ୍‌ଲାମ୍‌ର ଅସଲ ବାସ୍ତବିକ ଶିକ୍ଷା ଦ୍ୱାରା ପରିଚିତ କରାଇଲେ ।

ହଜୁର ଅନଓ୍ଵର ଅ:ବ:ଅ କହିଲେ ଆମର ଏ ପ୍ରାର୍ଥନା ଯେ, ଅଲ୍ଲାଃ କରନ୍ତୁ କି ଏ ଦୁନିଆର ଲୋକମାନେ ନିଜର ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଓ ଲୋକମାନେ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରୁ । ହଜୁର ଅନଓ୍ଵର ଅ:ବ:ଅ କହିଲେ ମୁଁ ଶୁଣିଛି ଯେ, ଜର୍ଜିଆରେ ସିହା, ସୁନୀ, ଫିର୍କା ଇତ୍ୟାଦି ବହୁତ ଆରାମରେ ଓ ଶାନ୍ତିର ସହିତ ରହୁଛନ୍ତି ଆମପାଇଁ ଏହା ବହୁତ ଖୁସିର କଥା ଯେ, ଜର୍ଜିଆରେ ସବୁ ଫିର୍କାଗୁଡ଼ିକ ଶାନ୍ତିରେ ରହୁଛନ୍ତି ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ଵର ଅ:ବ:ଅ କହିଲେ ଆମେ କାହା ସହିତ ଶତୃତା ବା ଘୃଣାଭାବ ରଖିନଥାଉ । ଆମର ସବୁକିଛି ସ୍ୱଷ୍ଟ ପ୍ରେମ ସଭିଙ୍କପାଇଁ ଘୃଣା କାହାରିକୁ ନାହିଁ । ଆମେ ସମସ୍ତଙ୍କୁ ଭଲ ପାଇଥାଉ । କାହାଠାରୁ ପ୍ରତିଶୋଧ ନେବା ନାହିଁ, କାହାର ଖରାପ ଚାହିଁବା ନାହିଁ ଓ କାହାକୁ ଦୁଃଖକଷ୍ଟ ଦେବାନାହିଁ । ଯଦି ଏହା ହେବ ତେବେ ସମାଜରେ ଶାନ୍ତି ସ୍ଥାପନ ହେବ ଓ ସମସ୍ତେ ଶାନ୍ତିରେ ରହିବେ । ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେବ । ଏହା କେବଳ ବୁଝିବା କଥା ଯଦି ଆପଣ ଶାନ୍ତିରେ ରହିବାକୁ ଚାହୁଁଛନ୍ତି ତେବେ ରହିପାରନ୍ତି ଯେମିତି ଜର୍ଜିଆରେ ଲୋକମାନେ ରହୁଛନ୍ତି ।

ଗୋଟିଏ କଲ୍ୟାଣିକାରୀ କାର୍ଯ୍ୟାଳୟ ସହିତ ଯୋଡ଼ି ହୋଇ ରହିଥିବା ଓକିଲ ମ୍ୟାରି ମଧ୍ୟ ଏହି ଜଲସାରେ ସାମିଲ ହୋଇଥିଲେ । ସେ କହିଲେ ଯେ, ଏହି ଜଲସାର ଉଦ୍ଦେଶ୍ୟ ହେଉଛି ଶାନ୍ତିସ୍ଥାପନ ଏବଂ ଜଣେ ଅନ୍ୟଜଣଙ୍କ ସହିତ ସହିଷ୍ଣୁତା ଦେଖାଇ ଭାଇଚାରା ସହିତ ରହିବା ସେଥିଯୋଗୁଁ ଏ ଯମାତ୍ ଆଗକୁ ଆଗକୁ ବଢ଼ିଚାଲିଛି ଏକଥା ଅନ୍ୟ ଯମାତ୍ ଗୁଡ଼ିକରେ ଦେଖିବାକୁ ମିଳେନାହିଁ । ଜଣାପଡୁଛି ଯେ, ଏ ଯମାତ୍ ଭିଷଣ ପରିଶ୍ରମ କରୁଛି ଓ ସଫଳତା ମଧ୍ୟ ପ୍ରାପ୍ତ କରୁଛି ।

ଜର୍ଜିଆ ଦେଶରୁ ଆସିଥିବା ଓ୍ଵଫଦ୍‌ର ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ଏ ସାକ୍ଷାତକାର ୧୨:୦୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ଵଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଆଲ୍‌ବାନିଆନ୍ ଓ୍ଵଫଦ୍‌ଙ୍କ ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ପ୍ରୋଗ୍ରାମ ମୁତାବକ ଆଲ୍‌ବାନିଆରୁ ଆସିଥିବା ଓ୍ଵଫଦ୍ ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ଆଲ୍‌ବାନିଆ ଦେଶରୁ ୨୬ଜଣ ବିଶିଷ୍ଟ ଓ୍ଵଫଦ୍ ବସ୍ ଜରିଆରେ ୨୦୦୦ କିମି ରାସ୍ତା ଅତିକ୍ରମ କରି ଏହି ଜଲସାରେ ସାମିଲ ହୋଇଥିଲେ । ଏହି ଓ୍ଵଫଦ୍‌ରେ ୧୪ଜଣ ପୁରୁଷ ଓ ୧୨ଜଣ ମହିଳା ଥିଲେ ସେମାନଙ୍କ ମଧ୍ୟରୁ ୮ଜଣ ଅହେମଦୀ ଓ ବାକି ସମସ୍ତେ ଜେରେ ତବ୍‌ଲିଗ୍ ବନ୍ଧୁମାନେ ଥିଲେ ସେମାନଙ୍କ ମଧ୍ୟରୁ ଦୁଇଜଣ ଜଲସାର ଶେଷ ଦିନ ବୟତ କରି ଯମାତ୍ ଅହେମଦୀୟା ଯମାତ୍‌ରେ ସାମିଲ ହୋଇଛନ୍ତି । ସର୍ବପ୍ରଥମେ ସବୁ ଅତିଥିମାନେ ନିଜ ନିଜର ପରିଚୟ ପ୍ରଦାନ କଲେ ।

ଜଣେ ନୌ ମୁବାଏ Pellumb Beja ସାହେବଙ୍କୁ ହଜୁର ଅନଓ୍ଵର ଅ:ବ:ଅ ପଚାରିଲେ ଯେ ଆପଣ କେଉଁ କାରଣ ଯୋଗୁଁ ବୟତ କଲେ ? ଏଥିରେ ସେ କହିଲେ ଯେ ମୁଁ ହଜୁରଙ୍କ ହାତରେ ବୟତ କରିଛି ଓ ଯମାତ୍‌ରେ ସାମିଲ ହେବାର ସୌଭାଗ୍ୟ ପାଇଛି । ସେଥିଯୋଗୁଁ ମୁଁ ଅଲ୍ଲାଃ ତାଲାଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯେ ସେ ମତେ ଅହେମଦୀୟତ୍‌ରେ ଆସିବାପାଇଁ ସୌଭାଗ୍ୟ ପ୍ରଦାନ କଲେ । ମୋ ବୟତ କରିବା କାରଣ ଏହା ହେଲା ଯେ

## ଜରୁରୀ ଘୋଷଣା

### ହଜୁର ଅନଓ୍ଵର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ଵର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ଵର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ଵେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

ସନ୍ଦେହରୁ ବିଶ୍ୱାସ ଆଡ଼କୁ ଏବଂ ଅନ୍ଧାରରୁ ଜ୍ୟୋତି/ଆଲୋକ ଆଡ଼କୁ ଯାତ୍ରା କରିବା ଦ୍ୱାରା ସମ୍ଭବ ହୋଇଛି । ବର୍ଷେ ପୂର୍ବରୁ ମୁଁ ମୋର ଇମାନ୍ (ବିଶ୍ୱାସ) ନଥିଲା । ଏ ବର୍ଷ ଅଲ୍ଲାଃ ତାଲା ମତେ ଇମାନ୍‌ର ଧନ ପ୍ରଦାନ କଲେ । ମୋର ଜନ୍ମ ଓ ମୋର ଲାଳନ ପାଳନ ଏପରି ପରିବେଶରେ ହୋଇଛି, ଯେଉଁଠି ଧର୍ମର ନାମ ଗନ୍ଧ ନଥିଲା । କିନ୍ତୁ ଅଲ୍ଲାଃ ତାଲା ମତେ ଏହି ଜଲ୍‌ସା ସାଲାନାରେ ସାମିଲ ହେବାର ଓ ହଜୁରଙ୍କ ସହିତ ସାକ୍ଷାତକାର କରିବାର ଜରିଆରେ ହିଁ ମତେ ଇମାନ୍ ଦେଲେ ।

ଆଉ ଜଣେ ଅତିଥି Besim Gjozi ସାହେବ କହିଲେ: ମୁଁ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜଲ୍‌ସାର ଶେଷ ଦିନ ହିଁ ବୟତ କରି ଯମାତ୍ ଅହେମଦୀୟା ମୁସ୍‌ଲିମା ରେ ସାମିଲ ହୋଇଛି ଓ ସେଥିଯୋଗୁଁ ମୁଁ ଅଲ୍ଲାଃ ତାଲାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ପ୍ରଥମେ ମୁଁ ନାମକୁ ମାତ୍ର ମୁସଲମାନ ଥିଲି କାଲି ମୁଁ ଖୁଦାଙ୍କ ନିକଟରେ ପ୍ରତିଜ୍ଞା କଲି ଯେ ଇସ୍‌ଲାମ୍‌ର ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବାକୁ ମୁଁ ମୋ ଉପରେ ଧାର୍ଯ୍ୟ କରିବି ଖୁଦାଙ୍କୁ ଧନ୍ୟବାଦ ଯେ ମୁଁ ଯମାତ୍ ଅହେମଦୀୟାର ସଦସ୍ୟ ହୋଇଯାଇଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଖୁଦାତାଲା ଆପଣଙ୍କୁ ଦୃଢ଼ତା ପ୍ରଦାନ କରନ୍ତୁ ।

ଆଉ ଜଣେ ଅତିଥି Sinan Breshanai ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍‌ରେ ସାମିଲ ହେବାର ମୋ ପାଇଁ ଏ କାରଣ ହେଲା ଯେ କିଛି ବର୍ଷ ପୂର୍ବେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ଥିଲା । ତା'ପରେ ମୁଁ ପ୍ରତ୍ୟେକ ବର୍ଷ ଜର୍ମାନୀର ଜଲ୍‌ସ ସାଲାନାରେ ସାମିଲ ହେଉଅଛି । ମୁଁ କିଛି ବର୍ଷ ପୂର୍ବେ ହଜୁରଙ୍କ ଗୋଚରରେ ନିଜ ନାତି ପାଇଁ ଦୁଆ କରିବାକୁ ନିବେଦନ କରିଥିଲି । ଘରକୁ ଆସି ପହଂଚିବା ପୂର୍ବରୁ ହିଁ ଅଲ୍ଲାଃ ତାଲା ମୋ ନାତିମାନଙ୍କର ସ୍କଲାରଶିପ୍ ବ୍ୟବସ୍ଥା କରିଦେଇଥିଲେ । ଏହା ମୋ ବିଶ୍ୱାସକୁ ବଢ଼ାଇବାର କାରଣ ହେଲା ।

ଜଣେ ଅହେମଦୀ ବନ୍ଧୁ Bekim Bici ସାହେବ କହିଲେ: ମୁଁ ୨୦୦୪ ମସିହାରେ ବୟତ କରିଛି । ଜର୍ନାଲିଜମ୍‌ରେ ଗ୍ରାଜୁଏସନ୍ ଅଧିକ ନମ୍ବର ରଖି ସଫଳ ହେଲି । ଏହି ଆଧାରରେ ୨୦୧୬ ମସିହା ଜଲ୍‌ସା ସାଲାନା ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରୁ ମେଡ଼ଲ୍ ପାଇବାର ସୌଭାଗ୍ୟ ପ୍ରାପ୍ତ କରିଛି । ତା'ପରେ ମୁଁ ଆଲ୍‌ବାନିଆରେ କେତେକ ଅନ୍‌ଲାଇନ୍ ଖବରକାଗଜରେ ଜଣେ ପତ୍ରକାର ରୂପେ କାମ କଲି । ଗତବର୍ଷ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେବାପାଇଁ ଯେବେ ମୁଁ ଛୁଟି ପାଇଁ ଦରଖାସ୍ତ ଦେଲି, ତାହା ମଞ୍ଜୁରୀ ହେଲା ନାହିଁ । ତେଣୁ ମୁଁ ସେହି କାମରୁ ଇସ୍ତଫା ଦେଇଦେଲି କାରଣ ମୁଁ ଏହି ଜଲ୍‌ସା ସାଲାନାରେ ଅନୁପସ୍ଥିତ ହେବାକୁ ଚାହୁଁ ନଥିଲି । ଅଲ୍ଲାଃ ତାଲା ସେହି ଦିନ ହିଁ ମୋ ପାଇଁ ଅନ୍ୟ ଏକ ମିଡ଼ିଆ କମ୍ପାନୀରେ କାମ ଦେଇଦେଲେ । ଯେଉଁଠି ଏ ସର୍ତ ମଧ୍ୟ ମଞ୍ଜୁର କରିନିଆଗଲା ଯେ ମୁଁ ଏ ବର୍ଷ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେଇ ଆସିବାପରେ ହିଁ ମୋ କାମରେ ଯୋଗ ଦେବି । ସେହିପରି ଏ ବର୍ଷ ମଧ୍ୟ ମତେ କେବଳ ଚାରିମାସ ହେବ ଗୋଟିଏ ଅନ୍‌ଲାଇନ୍ ଖବର କାଗଜ କମ୍ପାନିରେ କାମ ମିଳିଥିଲା କମ୍ପାନିର ନିୟମ ଅନୁସାରେ ପ୍ରଥମ ଛଅ ମାସ ଭିତରେ ଛୁଟି ମିଳିବାର ନଥିଲା । ଏହା ସତ୍ତ୍ୱେ ମଧ୍ୟ ମୁଁ ଛୁଟି ଦରଖାସ୍ତ ଦେଲି, କିନ୍ତୁ ତାହା ଗ୍ରହଣୀୟ ହେଲା ନାହିଁ । ତେଣୁ ମୁଁ ସେହି କାମରୁ ଇସ୍ତଫା ଦେଇଦେଲି ସେହି ଦିନ ହିଁ ମତେ ଆଉ ତିନୋଟି କମ୍ପାନୀରୁ କାମ ପାଇଁ ଅଫର୍ ମିଳିଲା । ସୁତରାଂ ମୁଁ ଗୋଟିଏ ସ୍ଥାନରେ ଏ ସର୍ତ ରଖି କାମ କରିବାକୁ ରାଜି ହେଲି ଯେ ଜଲ୍‌ସା ସାଲାନା ଜର୍ମାନୀରୁ ଲେଉଟି ଆସି ମୁଁ ମୋ କାମରେ ଯୋଗ ଦେବି । ଏବେ ମୁଁ ୧୬ ଜୁଲାଇରୁ ନୂଆ କାମରେ ଯୋଗ ଦେବି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ "ଅଲ୍ଲାଃ ତାଲା ଫଜଲ୍ ଫର୍ମାଏ" (ଅର୍ଥାତ ଅଲ୍ଲାଃ ତାଲା କୃପା କରନ୍ତୁ) ।

ଆଉ ଜଣେ ଅତିଥି କହିଲେ ଯେ, ମୋ ମାଆ ବେମାର ଅଛନ୍ତି ତାଙ୍କର ଉତମ ସ୍ୱାସ୍ଥ୍ୟ ପାଇଁ ଦୁଆ କରନ୍ତୁ । ସେ ମଧ୍ୟ ବୟତ କରିଛନ୍ତି । ମୋ ବାପା ମଧ୍ୟ ବେମାର ଅଛନ୍ତି ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଫଜଲ୍ କରନ୍ତୁ ।

ପୁଣି ବିଭାଘର ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ପୁଅପିଲାମାନଙ୍କର ବିବାହ ହୋଇଯାଉଛି ଝିଅ ପିଲାମାନଙ୍କର ଚିନ୍ତା ଘାରୁଛି ।

ଆଉ ଜଣେ ଅତିଥି କହିଲେ ଯେ, କିଛି ଜେଲରେ ତବ୍‌ଲିଗ୍ ଯୁବକମାନେ ଅଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେମାନଙ୍କ ପାଇଁ ଦୁଆ କରନ୍ତୁ, ଚେଷ୍ଟା କରିଚାଲନ୍ତୁ ଇନ୍‌ଶାଅଲ୍ଲାଃ ସେମାନେ ନିକଟକୁ ଆସିଯିବେ ।

ଆଉ ଜଣେ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଦୁଆ କରିବାପାଇଁ ନିବେଦନ କଲେ ଯେ, ଆମର ସାଙ୍ଗସାଥିମାନେ ଆକ୍ଟିଭ୍ ହୋଇଯାଆନ୍ତୁ । କାରଣ ଅକ୍ଟୋବର ମାସରେ ଆମର ଜଲ୍‌ସା ସାଲାନା ହେବାକୁ ଅଛି । ସେଥିଯୋଗୁଁ ଦୁଆ କରିବାପାଇଁ ଅନୁରୋଧ ଆମ ଜଲ୍‌ସାରେ ୩୫୦ ଜଣ ପାଖାପାଖି ଲୋକ ଆସିଥାନ୍ତି ।

ଆଉ ଜଣେ ବନ୍ଧୁ ନିଜ ଭାଇ ପାଇଁ ଦୁଆ କରିବାପାଇଁ ନିବେଦନ କଲେ ଯେ, ତାଙ୍କ ମୁଣ୍ଡର ଅବସ୍ଥା ଠିକ୍ ରହୁନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଫଜଲ୍ କରନ୍ତୁ ।

ଜଣେ ଅହେମଦୀ ବନ୍ଧୁ Gezim Muzhaqy ସାହେବ ଯାହାଙ୍କର ସମ୍ବନ୍ଧ ନାସ୍ତିକ ସୋସାଇଟ୍ ସହିତ ଥିଲା, ତାଙ୍କର କିଛି ବର୍ଷ ପୂର୍ବେ ଯମାତ୍ ସହିତ ଯୋଗାଯୋଗ ହେଲା । ଧର୍ମ ଏବଂ ବିଶେଷରୂପେ ଇସ୍‌ଲାମ୍‌ର ସମ୍ବନ୍ଧିତ ଯେଉଁ ପ୍ରମାଣଗୁଡ଼ିକ ଯମାତ୍ ଅହେମଦୀୟା ଦେଉଅଛି ତାହା ତାଙ୍କୁ ବହୁତ ଉଚିତ ମନେ ହେଲା ଓ ପସନ୍ଦ ଆସିଲା । ଏହା ପୂର୍ବରୁ ମୌଲବୀ ମାନଙ୍କ ମନଗଢ଼ା କାହାଣୀ ଯୋଗୁଁ ତାଙ୍କ ମନ ଧର୍ମପ୍ରତି ବିତୃଷ୍ଣା ଥିଲା । ଅତଏବ କିଛି ବର୍ଷ ପୂର୍ବେ ସେ ବୟତ କଲେ ଓ ଏବେ ଧିରେ ଧିରେ ଇସ୍‌ଲାମିୟ ପନ୍ଥାକୁ ଆପଣାଉଛନ୍ତି । ସେ ମହାଶୟ କହିଲେ ଏଥର କ ଜଲ୍‌ସା ସାଲାନା ମତେ ବହୁତ ବିଶେଷ ଲାଗିଲା । ସମସ୍ତ ବ୍ୟବସ୍ଥା ଏବଂ ଅତିଥି ପରାୟଣତା ପ୍ରତ୍ୟେକ ବର୍ଷ ପରି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଲଜ୍‌ନା ମାନଙ୍କ ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କର ଉଦ୍‌ଯାପନୀ ଭାଷଣ ବହୁତ ଭଲ ଲାଗିଲା । ମହିଳାମାନଙ୍କୁ ସମ୍ବୋଧନ କରିବା ସମୟରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କୁ ଯେଉଁ ବାର୍ତା ଦେଇଥିଲେ ତାହା ମଧ୍ୟ ବହୁତ ଉଚ୍ଚକୋଟୀର ଥିଲା ।

ଜଣେ ମହିଳା ଅତିଥି Blertina Koka ସାହିବା ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ । ମୁଁ ପ୍ରଥମଥର ଏହି ଜଲ୍‌ସା ରେ ଭାଗ ନେଇଛି, ମୁଁ ଆଲ୍‌ବାନିଆନ୍ ଭାଷାରେ ମାଷ୍ଟରଡ଼ିଗ୍ରୀ କରିଛି ଏବଂ ଯମାତ୍‌ରେ ଆଲ୍‌ବାନିଆନ୍ ୱେବସାଇଟ୍ ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର କେତେକ ଅଂଶ ପ୍ରେସ ରିଲିଜ୍‌ର ଅନୁବାଦ ମଧ୍ୟ କରିଛି । ଏ ପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର କେବଳ ଦୂରରୁ ପରିଚୟ ଥିଲା ଏବଂ ହଜୁରଙ୍କ ଶାନ୍ତି ପ୍ରତିଷ୍ଠା ଦିଗରେ ଯେଉଁ ପ୍ରଚେଷ୍ଟା ରହିଛି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କର ବାର୍ତାଗୁଡ଼ିକ ପଢ଼ି ମୁଁ ବହୁତ ପ୍ରଭାବିତ ହୋଇଥିଲି । କିନ୍ତୁ ହଜୁରଙ୍କ ସହିତ ସାକ୍ଷାତ କରିବାପରେ ତାଙ୍କର ସାଧାସିଧା ସ୍ୱଭାବ ଓ ମେଳାପି ବ୍ୟବହାର ଦ୍ୱାରା ମୁଁ ବହୁତ ପ୍ରଭାବିତ ହେଲି ଓ ବାସ୍ତବିକ ତାଙ୍କର ଯେଉଁ ବ୍ୟକ୍ତିତ୍ୱ ରହିଛି ଓ ଯେଉଁ ପଦମର୍ଯ୍ୟାଦା ରହିଛି ତାହା ମୋ ଭାବନାଠାରୁ ବହୁତ ଅଧିକ । ମୁଁ ତାଙ୍କୁ ବହୁତ ବହୁତ କୃତଜ୍ଞତା ଜଣାଉଛି ।

ଆଉ ଜଣେ ଅହେମଦୀ ମହିଳା Xhensila Kadriu ସାହିବା ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ମୁଁ ମଧ୍ୟ ଜଲ୍‌ସା ସାଲାନାରେ ପ୍ରଥମଥର ଯୋଗ ଦେଇଛି ।ପ୍ରତ୍ୟେକ ବର୍ଷ ଜଲ୍‌ସାକୁ ଆସନ୍ତି କିନ୍ତୁ ଏଥର କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ଆସିପାରିଲେ ନାହିଁ । ଆଲ୍‌ବାନିଆନ୍ ଜାତି ଅତିଥି ପରାୟଣ ଜଲ୍‌ସାରେ ବହୁତ ପ୍ରସିଦ୍ଧ । କିନ୍ତୁ ଏଠାକୁ ଆସିବାପରେ ଜଣାପଡ଼ିଲା ଯେ, ତା'ଠାରୁ ଉଚ୍ଚମାନର ଅତିଥି ପରାୟଣତା ଏଠାରେ ଅନୁଷ୍ଠିତ ହେଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କିହଲେ ଯେ, ଆପଣ ଅଲ୍‌ବାନିଆ ଦେଶ ସହିତ ଜର୍ମାନୀର ମୁକାବିଲା କରାଇ ଦେଇଛନ୍ତି । ଏବେ ଏ ତ ଜର୍ମାନୀର ଅଧିବାସୀଙ୍କୁ ଆହୁର ଉଚ୍ଚମାନର ବ୍ୟବସ୍ଥା କରିବାକୁ ପଡ଼ିବ ।

ଆଉ ଜଣେ ଅତିଥି କହିଲେ ଯେ, ମୁଁ ଏହି ଜଲ୍‌ସାରେ ଛଅଥର ଯୋଗ ଦେବାର ସୁଯୋଗ ପାଇଛି । ମୁଁ ପ୍ରଥମତର ହଜୁର ଅନଓ୍ୱର ଅ:ବ:ଅଙ୍କ ହସ୍ତିତ ସାକ୍ଷାତ କରି ଅହେମଦୀ ହୋଇଥିଲି । ଖୁଦାତାଲା ହଜୁର ଅନଓ୍ୱର ଅ:ବ:ଅଙ୍କୁ ସାହାଯ୍ୟ କରନ୍ତୁ । ମୋ ପାଇଁ ଦୁଆ କରନ୍ତୁ ମୁଁ ବୁଢ଼ା ଲୋକ ଜଣାନାହିଁ ଆସନ୍ତା ବର୍ଷ ବଂଚିବି କି ନାହିଁ, ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ବୁଢ଼ାପରି ଲାଗୁନାହାନ୍ତି ଖୁଦାତାଲା ଆପଣଙ୍କୁ ସ୍ୱାସ୍ଥ୍ୟ ଦିଅନ୍ତୁ ଓ ଆପଣଙ୍କର ବୟସ ବୃଦ୍ଧି କରନ୍ତୁ ।

ଆଉଜଣେ ବନ୍ଧୁ କହିଲେ କି ଆଲ୍‌ବାନିଆରେ ମୁରବୀ ସାହେବ ଏକୁଟିଆ ଅଛନ୍ତି ବହୁତ କାମ ବାକି ରହିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଯମାତ୍ ବନାନ୍ତୁ, ଯମାତ୍‌ର ସଂଖ୍ୟା ବଢ଼ାନ୍ତୁ ଏବେ ଏହା ଆପଣମାନଙ୍କ ପାଇଁ ଗୋଟିଏ ଚ୍ୟାଲେଞ୍ଜ ।

ଆଉ ଜଣେ ଅତିଥି Ilir Cylandji ସାହେବ ଯିଏ ହେଉଛନ୍ତି ଜଣେ ଆଲ୍‌ବାନିଆନ୍ କିନ୍ତୁ ଜର୍ମାନୀରେ ବସବାସ କରୁଛନ୍ତି, ସେ କହିଲେ ଜଲ୍‌ସା ସାଲାନା ପ୍ରତ୍ୟେକ ଅହେମଦୀ ମୁସଲମାନମାନଙ୍କ ପାଇଁ ହେଉଛି ଏକ ମହାନ୍ ଆଧାତ୍ମିକ ସମାବେସ । ଯେଉଁଥିରେ ଯମାତ୍‌ର ସଦସ୍ୟମାନଙ୍କ ବ୍ୟତିତ ଅନ୍ୟାନ୍ୟ ଧର୍ମ ଓ ଜାତି ସହିତ ସମ୍ପର୍କ ରଖିଥିବା ଲୋକମାନେ ମଧ୍ୟ ବହୁ ସଂଖ୍ୟାରେ ସାମିଲ ହୋଇଥାନ୍ତି । ଜଲ୍‌ସା ସାଲାନାରେ ସାମିଲ ହୋଇ ତାଙ୍କୁ ଯେଉଁଠି ଇସ୍‌ଲାମ୍‌ର ମୂଳଶିକ୍ଷା ସହିତ ପରିଚୟ ହାସଲ ହେଲା ସେଠାରେ ଯମାତ୍ ଅହେମୀଦୟାରେ ସ୍ଥାପିତ ଖିଲାଫତ୍ ବ୍ୟବସ୍ଥା ଜରିଆରେ ସେହି ସୁନ୍ଦର ଶିକ୍ଷାଗୁଡ଼ିକର କାର୍ଯ୍ୟ ନମୁନା ଦେଖିବାର ମଧ୍ୟ ଅନୁଭୂତି ମିଳିଲା । ଏହି ତିନିଦିନ ମଧ୍ୟରେ ପୁରୁଷ ଓ ମହିଳାମାନଙ୍କର ଜଲ୍‌ସାଗାଃରେ ବିଭିନ୍ନ ଇଜ୍‌ଲାସ୍ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ବର୍ତମାନ ସମୟର ପରିବର୍ତନ ଓ ଆହ୍ୱାନର ମୁକାବିଲାରେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଉପସ୍ଥାପନ କରାଯାଇଥାଏ ।

ମୁଁ ଜଣେ ଅହେମଦୀ ମୁସଲମାନ ହୋଇଥିବାରୁ ବର୍ଷ ତମାମ ଏହି ଆଧାତ୍ମିକ ଜଲ୍‌ସାକୁ ବିସମଭାବେ ଅପେକ୍ଷା କରିଥାଏ । କାରଣ ଏଠାରେ ଏକ ପ୍ରକୃତ ଭାଇଚାରାର ଆତ୍ମା ଦେଖିବାକୁ ମିଳେ । ଯାହାକୁ ବର୍ଣ୍ଣନା କରିବା ଅସମ୍ଭବ ଏହି ନିଷ୍ପାପର ଓ ପ୍ରାକୃତିକ ପ୍ରେମର ପରିପ୍ରକାଶ ଯମାତ୍‌ର ସମସ୍ତ କର୍ମୀମାନଙ୍କ ତରଫରୁ ହୋଇଥାଏ । ଏହି ଜଲ୍‌ସାରେ ଆସି ମତେ ଏପରି ଅନୁଭବ ହେଲା ଯେ, ଯେପରି ମୁଁ ବୈକୁଣ୍ଠରେ ଅଛି ଓ ପୃଥିବୀର ସବୁଠାରୁ ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛି ମୁଁ । ଜଲ୍‌ସା ଶେଷ ହେବା ସଙ୍ଗେ ସଙ୍ଗେ ହିଁ ଆସନ୍ତା ବର୍ଷର ଜଲ୍‌ସା ପାଇଁ ଅଧୈର୍ଯ୍ୟଭରା ଅପେକ୍ଷା ରହିଥାଏ । ଅଲ୍ଲାଃ ତାଲା ଏହି ଯମାତ୍‌କୁ ତା'ର ଅସିମ କୃପା ପ୍ରଦାନ କରିଚାଲନ୍ତୁ । ଆମିନ୍

ଜର୍ମାନୀରେ ରହୁଥିବା ଆଉ ଜଣେ ଆଲ୍‌ବାନିଆନ୍ ବନ୍ଧୁ ସିକନ୍ଦର ମୁଫ୍‌ତାରି ସାହେବ୍ କହିଲେ, ଏ ଜଲ୍‌ସା ସାଲାନା ମୋ ପାଇଁ ଅସାଧାରଣ ଖୁସି ଓ ଆନନ୍ଦର ସାମାନ୍ ନେଇ

ଆସିଥାଏ । କାରଣ ଏଥିରେ ଆମକୁ ପ୍ରୀୟ ହଜୁରଙ୍କ ସହିତ ସାକ୍ଷାତ କରିବାର ମଉକା ମିଳିଥାଏ ତତ୍‌ସହିତ ହଜୁରଙ୍କ ପଛରେ ନମାଜ ପଢ଼ିବା ଓ ହଜୁରଙ୍କ ଅଭିଭାଷଣ ଶୁଣିବାକୁ ଅବସର ମିଳିଥାଏ । ସେହିପରି ଅନ୍ୟାନ୍ୟ ଦେଶରୁ ଆସିଥିବା ଅହେମଦୀ ଭାଇମାନଙ୍କ ସହିତ ସାକ୍ଷାତ ମଧ୍ୟ ହୋଇଯାଏ ।

ଆଲ୍‌ବାନିଆର ଜଣେ ବନ୍ଧୁ ହାଇରି ତୁର୍‌ବିତାରୀ ସାହେବ କହିଲେ ଯେ, ମତେ ଏକଥାରେ ଅତ୍ୟନ୍ତ ଖୁସି ଓ ଆନନ୍ଦ ମିଳୁଛି ଯେ, ମୁଁ ହେଉଛି ଏ ଯମାତ୍‌ର ଏକ ଅଂଶ । ମତେ ବୟତ କରିବାକୁ ପାଖାପାଖି ପାଂଚବର୍ଷ ହୋଇଗଲାଣି ଏବଂ ପ୍ରତ୍ୟେକ ବର୍ଷ ଜଲ୍‌ସାକୁ ଆସିବା ଦ୍ୱାରା ନିଶ୍ଚିତରୂପେ କିଛି ନା କିଛି ନୁଆ ଶିଖିବାକୁ ମିଳିଥାଏ । ମୁଁ ଯମାତ୍ ଅହେମଦୀୟାର ଅଂଶ ହୋଇଥିବାରୁ ଗର୍ବ ଅନୁଭବ କରୁଛି ମୋର ଏ ପ୍ରାର୍ଥନା ଯେ, ଅଲ୍ଲାଃ ତାଲା ଅଧିକରୁ ଅଧିକ ଲୋକଙ୍କୁ ଏହି ବାବର୍‌କତ୍ ଯମାତ୍‌ର ଅଂଶିଦାର ବନାନ୍ତୁ । ଆମିନ୍

ଜଣେ ଅହେମଦୀ ବନ୍ଧୁ କହିଲେ ଯେ, ଏହା ମୋ ପାଇଁ ବହୁତ ବଡ଼ ସୌଭାଗ୍ୟର କଥା କି ମୁଁ ଅହେମଦୀୟତ ଗ୍ରହଣ କରିଛି । ଅନେକଥର ମୋର ଏ ଖୟାଲ ଆସୁଛି ଯେ, ମୁଁ ଇସ୍‌ଲାମ୍ ପାଇଁ ବଡ଼ ଲୋକ ହେବି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତବ୍‌ଲିଗ୍ କରିଚାଲନ୍ତୁ, ପାଂଚବେଳା ନମାଜ ପାଠ କରନ୍ତୁ, ଆପଣ ବଡ଼ ଲୋକ ହୋଇଯିବେ ।

ଆଲ୍‌ବାନିଆନ୍ ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୧୨:୩୦ ମିନିଟରେ ଶେଷ ହେଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଲିଟୋଭିଆ ଦେଶର ୱଫଦ୍‌ଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ଲିଟୋଭିଆ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ଫଖ୍‌ରୁଦ୍ଦିନ୍ ସାହେବ ନାମକ ଜଣେ ଅତିଥି କହିଲେ, ଆମେ ଏଥିରେ ବହୁତ ଖୁସି ଅଛୁ ଯେଉଁଭଳି ସମ୍ମାନ ଓ ପ୍ରେମର ସହିତ ଆମକୁ ସ୍ୱାଗତ କରାଗଲା । ତାହା ଆମ ଭାବନାରେ କେବେ ମଧ୍ୟ ନଥିଲା । ଆପଣଙ୍କ ଅତିଥି ସତ୍କାର ବହୁତ ଉଚ୍ଚସ୍ତରର ଥିଲା । ଅଲ୍ଲାଃ ତାଲାଙ୍କ ଉପରେ ଆପଣମାନଙ୍କର ଦୃଢ଼ ବିଶ୍ୱାସ ଏବଂ ଅଲ୍ଲାଃଙ୍କ ମାର୍ଗରେ ଆପଣମାନେ ଯେଉଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି ଏହାକୁ ଦେଖି ମୁଁ ବହୁତ ଆନନ୍ଦିତ । ଜଲ୍‌ସାର ସମସ୍ତ ବ୍ୟବସ୍ଥା ମତେ ବହୁତ ଭଲ ଲାଗିଲା । ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣଗୁଡ଼ିକ ବୁଦ୍ଧିମତା ଏବଂ ଦୁରଦୃଷ୍ଟିପୂର୍ଣ୍ଣ ଥିଲା ଏତଦ୍‌ବ୍ୟତିତ ୟୁରୋପରେ ଥିବା ମୁସଲମାନମାନଙ୍କର ଆପୋଷରେ ଜଣେ ଅନ୍ୟଜଣଙ୍କୁ ଏତେ ମାତ୍ରାରେ ସମ୍ମାନ ଦେବା ଏକ ନିଆରା କଥା ଥିଲା । ଆମେ କେବେ ଏକଥା ଚିନ୍ତା କରିନଥିଲୁ ଯେ ଏମିତି ବି ହୋଇପାରେ । ସେଥିଯୋଗୁଁ ଆମେ ଯମାତ୍ ଅହେମଦୀୟାର କୃତଜ୍ଞ । ଜର୍ମାନୀରେ ଯମାତ୍ ଅହେମଦୀୟା ଯେଉଁ ମସ୍‌ଜିଦ୍ ନିର୍ମାଣ କରିଛି ତାହା ବହୁତ ହିଁ ସୁନ୍ଦର । ସବୁ ମସ୍‌ଜିଦ୍ ଗୁଡ଼ିକୁ ତ ଆମେ ଦେଖିପାରିଲୁ ନାହିଁ । କିନ୍ତୁ ବିଶ୍ୱାସ ରଖିଛୁ ଯେ, ତାହା ସବୁ ଏହି ମସ୍‌ଜିଦ୍ (ସୁବ୍‌ହାନ୍) ଠାରୁ ମଧ୍ୟ ଅଧିକ ସୁନ୍ଦର ହୋଇଥିବେ । ପୁଣି ଆଉଥରେ ଆମେ ଧନ୍ୟବାଦ ଅର୍ପଣ କରୁଛୁ ଅଲ୍ଲାଃ ତାଲା ଆପଣମାନଙ୍କୁ ଏହି ସେବାକାର୍ଯ୍ୟର ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ । ଯାହା ଆପଣମାନେ ସମ୍ପାଦନ କରୁଛନ୍ତି । ଏହି ସେବାକାର୍ଯ୍ୟକୁ ଦେଖି ଆମକୁ ବହୁତ ଖୁସି ଲାଗୁଛି ।

ଆଉଜଣେ ବନ୍ଧୁ ହୁମାୟୁ ସାହେବ କହିଲେ ମତେ ସବୁକିଛି ବହୁତ ଭଲ ଲାଗିଲା । ଜଲ୍‌ସାର ବ୍ୟବସ୍ଥାପିକା ଅତିଥିମାନଙ୍କ ସହିତ ବହୁତ ଭଲ ବ୍ୟବହାର କରୁଥିଲେ । ପ୍ରୋଗ୍ରାମଗୁଡ଼ିକ ମଧ୍ୟ ବହୁତ ଉଚ୍ଚକୋଟୀର ଥିଲା । ଟ୍ରାନ୍ସପୋର୍ଟ ବିଭାଗ ବହୁତ ଭଲ କାମ କରିଛି ଏ ସମ୍ବନ୍ଧରେ ମୋର ମନୋଭାବ ବହୁତ ସକରାତ୍ମକ ରହିଛି । ଖଲିଫତୁଲ୍ ମସିହିଙ୍କ ସହିତ ସାକ୍ଷାତ କରିବା ଆମ ପାଇଁ ବହୁତବଡ଼ ସମ୍ମାନର କଥା ।

ଆଉ ଜଣେ ଅତିଥି ବେକ୍‌ତାଶ୍ ସାହେବ୍ କହିଲେ, ମତେ ଜଲ୍‌ସା ବହୁତ ଭଲ ଲାଗିଲା । ବିଶେଷରୂପେ ମତେ ସେଠାରେ ସେବା କରୁଥିବା କର୍ମୀମାନଙ୍କର ଆଚରଣ ଓ ବ୍ୟବହାର ବହୁତ ଭଲ ଲାଗିଲା । ଆମେ ସମସ୍ତ ଭାଷଣଗୁଡ଼ିକକୁ ଶୁଣିଲୁ ମତେ ସବୁ ଭାଷଣ ବହୁତ ଭଲ ଲାଗିଲା । ଏହି ଜଲ୍‌ସାରେ ୪୩ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ । ସମସ୍ତେ ଆମ ସହିତ ବହୁତ ପ୍ରେମପୂର୍ଣ୍ଣ ବ୍ୟବହାର କରିଛନ୍ତି । ଖଲିଫତୁଲ୍ ମସିହିଙ୍କ ସହିତ ସାକ୍ଷାତକାର ମଧ୍ୟ ବହୁତ ଭଲ ହେଲା । ଆମକୁ ଏହି ଜଲ୍‌ସାରେ ନିମନ୍ତ୍ରଣ ଦେଇଥିବା ଯୋଗୁଁ ବହୁତ ବହୁତ ଧନ୍ୟବାଦ ।

ଜଲ୍‌ସାରେ ସାମିଲ ହୋଇଥିବା ଆଉ ଜଣେ ଅତିଥି । ଜାହାଙ୍ଗିର୍ ସାହେବ କହିଲେ ମତେ ଯେଉଁଭଳି ଏୟାରପୋର୍ଟଠାରେ ସ୍ୱାଗତ କରାଗଲା ଏବଂ ପୁଣି ମତେ ସେଠାରୁ ମସ୍‌ଜିଦ୍ ସୁବ୍‌ହାନ୍‌ଠାକୁ ନିଆଗଲା, ତାହା ମତେ ବହୁତ ଭଲ ଲାଗିଲା । ମସ୍‌ଜିଦ୍ ମଧ୍ୟ ନୁଆ ଓ ବହୁତ ସୁନ୍ଦରଭାବେ ନିର୍ମାଣ କରାଯାଇଛି । ଅତିଥିମାନଙ୍କୁ ସ୍ୱାଗତ କରିବା ଓ ହୋଟେଲ୍‌ରେ ସେମାନଙ୍କର ରହିବାର ବ୍ୟବସ୍ଥା ଇତ୍ୟାଦି ସବୁକିଛି ବହୁତ ଉଚ୍ଚକୋଟୀର ଥିଲା । ସତ୍ୟକଥା ହେଉଛି ଏହା କି, କୌଣସି ପ୍ରକାରର ମଧ୍ୟ ଉଣା ହୋଇନଥିଲା । ଏହା ପ୍ରଶଂସା ନୁହେଁ ବରଂ ପ୍ରକୃତ କଥା ଯାହାକୁ ମୁଁ ବର୍ଣ୍ଣନା କରୁଅଛି । ଭାଷଣଗୁଡ଼ିକ ବହୁତ ଭଲ ଥିଲା । ଇସ୍‌ଲାମକୁ ବହୁତ ସୁନ୍ଦର ଶୈଳୀରେ ଉପସ୍ଥାପନ କରାଗଲା । ଜଲ୍‌ସାରେ ଡ୍ୟୁଟି ଦେଉଥିବା କର୍ମୀମାନଙ୍କର ବ୍ୟବହାର ବହୁତ ଭଲ ଥିଲା । ସେମାନଙ୍କର ହସହସ ଚେହେରା ଥିଲା ଏବଂ କଥାକୁ ସେମାନେ ଭଲଭାବେ ବୁଝାଇ ଦେଉଥିଲେ ବରଂ ବେଳେବେଳେ ସାଥିରେ ଯାଇ ସମ୍ବନ୍ଧିତ ସ୍ଥାନରେ ଛାଡ଼ି ଆସୁଥିଲେ । ଡ୍ୟୁଟି ଦେଉଥିବା ସମସ୍ତ ବ୍ୟକ୍ତି ସର୍ବଦା ଚେହେରାରେ ହସ ରଖୁଥିଲେ । କର୍ମୀମାନଙ୍କର ସେବାକାର୍ଯ୍ୟ ବହୁତ ପ୍ରଶଂସନୀୟ । ମତେ କୌଣସି ପ୍ରକାରର ତ୍ରୁଟି ଦେଖିବାକୁ ମିଳିଲା ନାହିଁ । ସବୁକଥାକୁ ତ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଜଲ୍‌ସାରେ ଅଗଣତି ଗୁରୁତ୍ୱପୂର୍ଣ୍ଣ ଓ ହିତକାରୀ କଥା ବର୍ଣ୍ଣନା କରାଗଲା । ଲୋକମାନେ ବହୁତ ଦେଶରୁ ଆସିଥିଲେ । ସେମାନଙ୍କ ସହିତ ମଧ୍ୟ ସାକ୍ଷାତ କରିବାର ଅବସର ମିଳିଲା । ଓ ସେମାନଙ୍କ ସହିତ ବାର୍ତାଳାପ ମଧ୍ୟ ହେଲା । ଆସିଥିବା ଲୋକମାନଙ୍କର ମନୋଭାବ ବହୁତ ଭଲ ଥିଲା ବା ସକାରାତ୍ମକ ଥିଲା । ମୁଁ ବହୁତ ଆନନ୍ଦିତ ଏହି ଜଲ୍‌ସାରେ ଯୋଗ ଦେଇ ବହୁତ କିଛି ଶିଖିବାକୁ ମିଳିଲା ।

ଆଉ ଜଣେ ଅତିଥି ବାରଟ୍ ସାହେବ କହିଲେ, ମୋର ମନୋଭାବ ବହୁତ ହିଁ ସକରାତ୍ମକ ସର୍ବପ୍ରଥମେ ଯଦି ମୁଁ ଜଲ୍‌ସାର ବ୍ୟବସ୍ଥା ବିଷୟରେ କହିବାକୁ ଚାହେଁ ତାହା ବହୁତ ହିଁ ଉଚ୍ଚକୋଟୀର ଥିଲା । ଏୟାରପୋର୍ଟରୁ ମସ୍‌ଜିଦ୍ ପୁଣି ସେଠାରୁ ହୋଟେଲ୍ ପୁଣି ହୋଟେଲ୍‌ରୁ ଜଲ୍‌ସାଗାଃ ପର୍ଯ୍ୟନ୍ତ ନେବା ଆଣିବା ଇତ୍ୟାଦି ଅସାଧାରଣ ସେବାକୁ ପରିପ୍ରକାଶ କରୁଅଛି । ଗାଡ଼ି ଚାଳକ କର୍ମୀମାନେ ମଧ୍ୟ ବହୁତ ଭଲ ଲୋକ ଥିଲେ । ସ୍ୱାଗତ କରିବାପାଇଁ ଥିବା ଲୋକମାନେ ଓ କାର୍ ଇତ୍ୟାଦି ପ୍ରସ୍ତୁତି, ରହିବା ସ୍ଥାନ ଏବଂ ସିକ୍ୟୁରିଟିର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ଖାଦ୍ୟ ମଧ୍ୟ ବହୁତ ଭଲଭାବେ ପ୍ରସ୍ତୁତ କରାଯାଉଥିଲା । ଜଲ୍‌ସାରେ ଚାହା, କଫି ଇତ୍ୟାଦିର ମଧ୍ୟ ବ୍ୟବସ୍ଥା ରଖାଯାଇଥିଲା । ଯାହା ଏକ ବହୁତ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ଥିଲା । ଛୋଟ ଛୋଟ ପିଲାମାନଙ୍କୁ ଅତିଥିମାନଙ୍କ ନିକଟରେ ଯାଇ ବାରମ୍ବାର ପାଣି ପିଇବାପାଇଁ ପଚାରିବା ବହୁତ ଭଲ ଲାଗୁଥିଲା । ଜଲ୍‌ସାର ବିଷୟବସ୍ତୁ ଥିଲା ଇସ୍‌ଲାମ୍ । ଆମକୁ ଏ ଜଲ୍‌ସାରେ ବହୁତ ଭଲ ଭଲ ଜ୍ଞାନ ମିଳିଲା । ଜଲ୍‌ସାରେ ଯେଉଁ ଭାଷଣ ଦିଆଯାଇଥିଲା ତାହା ସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଥିଲା ଏବଂ ଏକବିଂଶ ଶତାବ୍ଦୀର ଆବଶ୍ୟକ ଅନୁସାରେ ପ୍ରସ୍ତୁତ କରାଯାଇଥିଲା । ଜଲ୍‌ସାରେ ଯେଉଁ ସ୍ଲୋଗାନ ଲଗାଯାଉଥିଲା ମୋ ମତରେ ତାହାସବୁର ଅନୁବାଦ ମଧ୍ୟ ବତାଇବା ଉଚିତ ଥିଲା । ଜଲ୍‌ସାରେ ଯେଉଁ ନଜମ୍‌ଗୁଡ଼ିକ ପାଠ କରାଗଲା ତାହା ମତେ ବହୁତ ଭଲ ଲାଗିଲା । ଆମକୁ କେତେକ ମସ୍‌ଜିଦ୍ ଏବଂ ଜାମିୟା ଅହେମଦୀୟା ର ପରିଦର୍ଶନ କରାଇ ଦିଆଗଲା ଯାହା ଅତ୍ୟନ୍ତ ସୁନ୍ଦର ଥିଲା । ରହିବାର ବ୍ୟବସ୍ଥା ମଧ୍ୟ ବହୁତ ଭଲ ଥିଲା ।

ଲଟୋଭିଆ ୱଫଦ୍‌ର ଏହି ସାକ୍ଷାତକାର ୧୨:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଲିଟୋଭିଆର ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ମଧ୍ୟ ଅଲଗା ଫଟୋ ଉଠାଇଲେ ।

**କଜାଗିସ୍ତାନ ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ତା'ପରେ କଜାଗିସ୍ତାନ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏହି ୱଫଦ୍‌ରେ ୧୮ଜଣ ସଦସ୍ୟ ଥିଲେ ସେଥିରୁ ୧୭ ଜଣ ଥିଲେ ଅହେମଦୀ ଓ ଜଣେ ଅଣଅହେମଦୀ ବନ୍ଧୁ ଥିଲେ ।

ୱଫଦ୍‌ର ଜଣେ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ କହିଲେ ଯେ, କଜାଗିସ୍ତାନର ଯମାତ୍‌ର ସଦସ୍ୟମାନେ ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ସଲାମ୍ ପହଂଚାଇବା ପାଇଁ ନିବେଦନ କରିଥିଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ୱ ଆଲୈକୁମ୍ ସଲାମ୍ ।

ପୁଣି ସେ ମହାଶୟ କହିଲେ ଯେ, ଆମ ଯମାତ୍ ଉନ୍ନତି କରୁଅଛି । ଯମାତି ରେଜିଷ୍ଟ୍ରେସନରେ ଅସୁବିଧା ହେଉଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଫଜଲ୍ କରନ୍ତୁ ।

ସଦର ଖୁଦାମୁଲ୍ ଅହେମଦୀୟା କଜାଗିସ୍ତାନ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଦୁଆ କରିବାପାଇଁ ନିବେଦନ କଲେ । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ ଯେ, କଣ ଆପଣ ନିୟମିତ ରୂପେ ନିଜର ରିପୋର୍ଟଗୁଡ଼ିକୁ ପଠାଉଛନ୍ତି ? ଏଥିରେ ସଦର ଖୁଦାମୁଲ୍ ଅହେମଦୀୟା କହିଲେ ଯେ, ତିନିମାସରେ ଥରେ ରିପୋର୍ଟ ପଠାଉଛୁ ।

ଆଉ ଜଣେ ଅହେମଦୀ ବନ୍ଧୁ କହିଲେ ଯେ, ମୁଁ ୨୦୧୧ ମସିହାରୁ ଅହେମଦୀ ହୋଇଛି । ଖୁଦାତାଲା ମୋ ପ୍ରାର୍ଥନାଗୁଡ଼ିକୁ ଗ୍ରହଣ କରିଛନ୍ତି ଓ ମତେ ଜଲ୍‌ସା ସାଲାନାରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳିଲା । ମୋ ମାଆ ଅହେମଦୀ ନୁହନ୍ତି । ସେ ଜଲ୍‌ସାରେ ସାମିଲ ହେବା ଯୋଗୁଁ ମୋ ମାଆଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି । ଆମ ପାଇଁ ଦୁଆ କରନ୍ତୁ ଯେ, ଖୁଦାତାଲା ଆମକୁ ପ୍ରକୃତ ଅହେମଦୀ ବନାନ୍ତୁ । ଏ ଜଲ୍‌ସାରେ ସ୍ୱେଚ୍ଛାସେବକ କର୍ମୀମାନେ ଯେଉଁଭଳି ପରିଶ୍ରମ ଓ ଧୈର୍ଯ୍ୟର ସହିତ କାର୍ଯ୍ୟ କରୁଛନ୍ତି ତାହା ଆମ ଉପରେ ଗଭୀର ପ୍ରଭାବ ପକାଇଲା । ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଆଉ ଜଣେ ଅହେମଦୀ ବନ୍ଧୁ କହିଲେ ଯେ, ମୁଁ ୨୦୦୬ ମସିହାରୁ ଅହେମଦୀ ହୋଇଛି । ଆମ ଦେଶରେ ଜଣେ ନୂଆ ସଦର ହୋଇଛନ୍ତି । ନୂଆ ନିର୍ବାଚନ ହୋଇଛି ଦୁଆ କରନ୍ତୁ ଆମର ସବୁ ମାମଲା ଠିକ୍ ହୋଇଯାଉ ଏବଂ ଆମ ରେଜିଷ୍ଟ୍ରେସନରେ ଉପୁଜିଥିବା ସମସ୍ତ ପ୍ରତବନ୍ଧକ ମଧ୍ୟ ଦୂର ହୋଇଯାଉ ।

ଲଜ୍‌ନାର ଜଣେ ସଦସ୍ୟ କହିଲେ ଯେ, ତାଙ୍କ ସ୍ୱାମୀ ଜରିଉଲ୍ଲାଃ ସାହେବ୍ ବର୍ତମାନ ଜାମିୟା ଅହେମଦୀୟା ଘାନାରେ ପଂଚମ ବର୍ଷର ଛାତ୍ର ସେଭଳି ତାଙ୍କର ସାନଭାଇ ଜାମିୟା ଅହେମଦୀୟା ଘାନାରେ ଏ ବର୍ଷ ନାମ ଲେଖାଇଛନ୍ତି ।

କଜାଗିସ୍ତାନରୁ ଆସିଥିବା ଜଣେ ବନ୍ଧୁ କହିଲେ ଯେ, ଜଲ୍‌ସାର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ମୋ ପୁଅ ମଧ୍ୟ ଜାମିୟା ଅହେମଦୀୟା ଘାନାରେ ଶିକ୍ଷା ଆହୋରଣ କରୁଛନ୍ତି ଓ ସେ ପ୍ରଥମ କ୍ଲାସକୁ ପାଶ୍ କରିଛନ୍ତି । ତାଙ୍କ ପାଇଁ ଦୁଆ କରିବାକୁ ଅନୁରୋଧ ।

ଆଉ ଜଣେ ମହିଳା ଦୁଆ କରିବା ନିମନ୍ତେ ନିବେଦନ କରି କହିଲେ, ତାଙ୍କର ଗୋଟିଏ ପୁତ୍ର, ଗୋଟିଏ ଝିଅ ଓ ସାତଜଣ ନାତିନାତୁଣୀ ଅଛନ୍ତି ସେ କହିଲେ ଦୁଆ କରନ୍ତୁ ଖୁଦାତାଲା ମୋ ପୁଅକୁ ପୁତ୍ର ସନ୍ତାନ ପ୍ରଦାନ କରନ୍ତୁ । ସେଠାରେ ଯମାତ୍ ରେଜିଷ୍ଟ୍ରେସନ ହୋଇନାହିଁ ସେଥିଯୋଗୁଁ ମନଦୁଃଖ ହେଉଛି ଖୁଦାତାଲା ଏହି ମାର୍ଗରେ ଥିବା ସମସ୍ତ ଅସୁବିଧା ଓ ପ୍ରତିବନ୍ଧକକୁ ଦୁର କରନ୍ତୁ ।

ଆଉ ଜଣେ ମହିଳା କହିଲେ ଯେ, ଆମେ ଲଜ୍‌ନା ଅର୍ଗାନାଇଜ୍ କରିଛୁ ମୁଁ ହେଉଛି ପୂର୍ବତନ ସଦର ଲଜ୍‌ନା । ମୋ ବାପା ମାଆ ଗତବର୍ଷ ଜଲ୍‌ସାରେ ସାମିଲ ହୋଇଥିଲେ । ଆମକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ତରଫରୁ ଚିଠିର ଉତର ମିଳୁ ଅଛି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ସବୁ ଦୁଆ ଆମ ହକ୍‌ରେ ଗ୍ରହଣୀୟ ହେଉଅଛି ।

ଜଣେ ମହିଳା କହିଲେ ଯେ, ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଅଛୁ । ଜଲ୍‌ସା ସାଲାନାର ସବୁ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ମୋର ଦୁଇଜଣ ପୁଅ ଅଛନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଯେ, ମୁଁ କିପରି ସେମାନଙ୍କର ସଠିକ୍ ରୂପେ ତର୍‌ବିୟତ କରିପାରେ ଏବଂ ସେହି ଦୁଇଜଣ ଯାକ ଯମାତ୍‌ର ମୁବ୍‌ଲିଗ୍ ହୁଅନ୍ତୁ ।

ଆଉ ଜଣେ ଅତିଥି କହିଲେ ଯେ, ମୁଁ ଅହେମଦୀ ନୁହେଁ ଯମାତ୍ ସହିତ ମୋର ପରିଚୟ ଏବେ ହୋଇଛି । ମୁଁ ଯାହା କିଛି ଏଠି ଦେଖିବାକୁ ପାଇଲି ତାହା ସମ୍ପୂର୍ଣ୍ଣରୂପେ ଗୋଟିଏ ଅଲଗା ଦୁନିଆ ପ୍ରତ୍ୟେକ ଜିନିଷ ବହୁତ ସୁବ୍ୟବସ୍ଥିତ ଥିଲା । ଲୋକମାନେ ବହୁତ ମେଳାପି ଓ ସ୍ନେହି ଏହାର ଗଭୀର ପ୍ରଭାବ ମୋ ଉପରେ ପଡ଼ିଛି । ମୋର ଏ ଆନ୍ତରିକ ଇଚ୍ଛା ଯେ, ମୁଁ ନିଜର ବାକି ସମସ୍ତ ସଦସ୍ୟମାନଙ୍କୁ ମଧ୍ୟ ସାଥିରେ ଏଠାକୁ ଆଣେ ।

ଆଉ ଜଣେ ମହିଳା କହିଲେ ଏ ଜଲ୍‌ସା ବହୁତ ଉଚ୍ଚକୋଟୀର ଥିଲା ଓ ବ୍ୟବସ୍ଥା ମଧ୍ୟ ବହୁତ ସୁନ୍ଦର ଥିଲା । ଆମ ଦେଶରେ ନୂଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି ଏବେ ପରିସ୍ଥିତି ବଦଳିବାକୁ ଲାଗିଛି, ହଜୁର ଅନଓ୍ୱର ଅ:ବ:ଅ ଦୁଆ କରନ୍ତୁ ଯେ, ଆମର ଆସନ୍ତା ପିଢ଼ୀକୁ ସେଠାରେ କୌଣସି ପ୍ରକାରର ଭୟ ଓ ଶଙ୍କା ନ ରହୁ ।

ଆଉ ଜଣେ ମହିଳା କହିଲେ ଯେ, ସେ ଏ ଜଲ୍‌ସାକୁ ପୂର୍ବରୁ ମଧ୍ୟ ଆସି ସାରିଛନ୍ତି । ସେ ହଜୁରଙ୍କୁ ଚିଠି ଲେଖିଥିଲେ, ହଜୁରଙ୍କର ଉତର ମଧ୍ୟ ତାଙ୍କୁ ମିଳିଲା । ସେଥିପାଇଁ ସେ କୃତଜ୍ଞତା ଜ୍ଞାପନ କରୁଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ଦୁଆ ବଳରୁ ଆମର ସମସ୍ତ ଅସୁବିଧା ଦୁର ହୋଇଗଲା ।

କଜାଗିସ୍ତାନରୁ ଆସିଥିବା ଓ୍ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ଦିନ ୧:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଗୋଟିଏ ପିଲାକୁ କୋଳେଇ ନେଇ ସ୍ନେହ କଲେ ଓ ସେହି ପିଲାଟି ମଧ୍ୟ ହଜୁରଙ୍କ ସହିତ ଫଟୋ ଉଠାଇଲା ।

ଓ୍ୱଫଦ୍‌ରେ ସାମିଲ ହୋଇଥିବା ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲେ ଯେ, ହଜୁର ଆମ ମୁଣ୍ଡ ଉପରେ ହାତ ରଖି ଆମପାଇଁ ଦୁଆ କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେମାନଙ୍କର ନିବେଦନକୁ ଗ୍ରହଣ କରି ସେମାନଙ୍କୁ ଆର୍ଶିବାଦ ଦେଲେ ।

### ହଙ୍ଗେରୀ ଓ୍ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ଏହାପରେ ପ୍ରୋଗ୍ରାମ ମୁତାବକ ହଙ୍ଗେରୀ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତା କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଙ୍ଗେରୀରୁ ଏ ବର୍ଷ ୧୯ଜଣ ବିଶିଷ୍ଟ ସଦସ୍ୟ ଆସିଥିଲେ । ସେଥିରେ ୮ ଜଣ ଅତିଥି ଥିଲେ ଓ ୧୧ ଜଣ ଅହେମଦୀ ସାମିଲ ଥିଲେ । ସର୍ବପ୍ରଥମେ ଓ୍ୱଫଦ୍‌ର ସଦସ୍ୟମାନେ ଜଣ ଜଣ ହୋଇ ନିଜର ପରିଚୟ ଦେଲେ ।

ସାଓ୍ୱାଓ୍ୱେନସ୍ ସାହେବ୍ ଯାହାଙ୍କ ସମ୍ପର୍କ ରୋମା ଜାତି ସହିତ ଅଛି ଓ ତାଙ୍କୁ ଲୋକମାନେ ଜିପ୍‌ସି ମଧ୍ୟ କହୁଛନ୍ତି । ସେମାନେ ନିଜ ଜାତିର ଉନ୍ନତି ଓ ବିକାଶ ନିମନ୍ତେ ଏବଂ ସେମାନଙ୍କୁ ଲିଗାଲ୍ ସାହାଯ୍ୟ ପାଇଁ ଗୋଟିଏ ସଂଘଠନ ବନାଇଛନ୍ତି । ଏହ ସଂଘଠନରେ ୧୬ ହଜାରରୁ ଅଧିକା ସଦସ୍ୟ ଅଛନ୍ତି । ସେ ପ୍ରଥମଥର ଜଲ୍‌ସାରେ ସାମିଲ ହୋଇଛନ୍ତି ।

ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ତାଙ୍କୁ ତାଙ୍କ କାମ ପାଇଁ ବିଭିନ୍ନ ପ୍ରକାରର ଲୋକଙ୍କ ସହିତ ମିଶିବାକୁ ପଡ଼ିଥାଏ । ସେ ବିଭିନ୍ନ ଉତ୍ସବକୁ ଯାଇଥାନ୍ତି, ସେମାନଙ୍କ ପ୍ରୋଗ୍ରାମରେ ସାମିଲ ହୋଇଥାନ୍ତି । ଇହୁଦୀମାନଙ୍କ ପ୍ରୋଗ୍ରାମରେ ସେ ସାମିଲ ହୋଇଛନ୍ତି । ମୁସଲମାନ ପ୍ରୋଗ୍ରାମକୁ ମଧ୍ୟ ଯାଇଛନ୍ତି ଏବଂ ଇସାଇ ମାନଙ୍କ ନିକଟକୁ ମଧ୍ୟ ଯାଇଛନ୍ତି । ସେ ବତାଇଲେ ଯେ, ଯେଉଁ ପ୍ରକାର ପ୍ରେମଭାବ ଓ ମାନବଜାତିର ସମ୍ମାନ, ସମାନତା ଏବଂ ଭାଇଚାରା ଏଠି ଜଲ୍‌ସା ଅବସରରେ ସେ ଦେଖିବାକୁ ପାଇଲେ, ସେ ତାଙ୍କ ଜୀବନକାଳରେ ଏପରି କେବେ ଦେଖିନାହାନ୍ତି ଓ ନା କୌଣସି ପ୍ରୋଗ୍ରାମରେ ଏପରି ଦେଖିଛନ୍ତି ।

ସେ ଯମାତ୍‌କୁ ଧନ୍ୟବାଦ ଅର୍ପଣ କରି କହିଲେ ଯେ, ଯମାତ୍ ତାଙ୍କୁ ଏ ଅବସର ପ୍ରଦାନ କଲା ଯେ, ସେ ଏଠାକୁ ଆସି ନିଜେ ଦେଖନ୍ତୁ ଯେ, ଆମେ ଯାହା କହୁଅଛୁ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ" ତାହାର କାର୍ଯ୍ୟରେ ପ୍ରକାଶ ମଧ୍ୟ ଏଠାରେ ହେଉଅଛି । ସେ ବତାଇଲେ ଯେ, ଏହି ଅନୁଭବ ତାଙ୍କ ପାଇଁ ଏକ ଲାଇଫ ଟାଇମ୍ ଅନୁଭବ ଯାହା କେବେ ଭୁଲି ହୋଇପାରେନା ଏବଂ ସେ ଏହି ଜଲ୍‌ସାରେ ସାମିଲ ହେବା ଯୋଗୁଁ ଏକ ବିଶେଷ ଭାବପ୍ରବଣ ହୋଇଛନ୍ତି ।

ସାକ୍ଷାତକାର ପରେ ସେ ବତାଇଲେ ଯେ, ଏଠାରେ ଯେଉଁ ପ୍ରେମଭାବ, ଇଜ୍ଜତ ଏବଂ ଶାନ୍ତିପୂର୍ଣ୍ଣ ଅବସ୍ଥାକୁ ଆମେ ଏଠାରେ ଦେଖିଲୁ ତାହା ପୂର୍ବରୁ କେବେ ଦେଖିନାହୁଁ । ଆମେ ପୂର୍ବରୁ ମଧ୍ୟ ମୁସଲମାନମାନଙ୍କୁ ସପୋର୍ଟ କରିଆସୁଛୁ । ବିଶେଷରୂପେ ନିଜ ଦେଶରେ ଯେଉଁଠି ମୁସଲମାନ ମୁହାଜିର୍‌ମାନଙ୍କର ସମସ୍ୟା ଯୋଗୁଁ ସେମାନଙ୍କ ପାଇଁ ଏକ ବିଶେଷ ଘୃଣାଭାବ ରହିଛି । ଆମେ ମୁସଲମାନମାନଙ୍କ ପାଇଁ ପୂର୍ବରୁ ମଧ୍ୟ ସ୍ୱରଉତଳନ କରୁଅଛୁ । କିନ୍ତୁ ଏବେ ତ ଆମେ ଆହୁରି ଅଧିକା ଜୋର୍ ଦେଇ ସ୍ୱରଉତଳନ କରିବୁ ଯେ, ମୁସଲମାନମାନଙ୍କ ସମ୍ବନ୍ଧରେ ମିଡ଼ିଆ ଯେଉଁ ବିଶେଷ କଥା କହୁଅଛି ତାହା ବିଲ୍‌କୁଲ୍ ଭୁଲ୍ କଥା । ଯେଉଁ ପ୍ରକାରର ପ୍ରେମ, ସ୍ନେହ, ଆପୋଷରେ ଥିବା ସମ୍ମାନ ଓ ଶାନ୍ତି ଆମେ ଏଠାରେ ଦେଖିଲୁ ତାହା ଆମେ ଅନ୍ୟ କେଉଁଠାରେ ଦେଖିନାହୁଁ ।

ତାଙ୍କ ପତ୍ନୀ Mrs. Racz Gyullane କହିଲେ ଏହା ଆମପାଇଁ ବହୁତ ସମ୍ମାନର କଥା ଯେ, ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରୁଅଛୁ । ମତେ ଓ ମୋ ସ୍ୱାମୀଙ୍କୁ ବହୁତ ଖୁସି ଲାଗୁଛି ଯେ, ଆମକୁ ଯମାତ୍ ତରଫରୁ ଜଲ୍‌ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ ମିଳିଲା ଏବଂ ସେଥିଯୋଗୁଁ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

ଗାବୁର୍ ତାମାଶା ସାହେବ୍ ଯିଏ ହେଉଛନ୍ତି ଗୋଟିଏ ରିଫର୍ମ ଚର୍ଚ୍ଚର ପାଦ୍ରୀ ତାଙ୍କ ଅଧିନରେ ହଙ୍ଗେରୀର ଗୋଟିଏ ଗାଁ ଓ ଚାରୋଟି ଇଲାକା ରହିଛି । ସେ ବିଗତ ଚାରି ପାଂଚ ବର୍ଷ ହେବ ଏ ଜଲ୍‌ସାରେ ସାମିଲ ହେଉଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି, ଜଲ୍‌ସା ମୋ ଜୀବନର ଏକ ଅଂଶ ହୋଇଗଲାଣି ଯଦିଚ ମୁଁ ଇସାଇ ଅଟେ କିନ୍ତୁ ଏହି ଜଲ୍‌ସାରେ ଯୋଗ ଦେଇ ମୁଁ ନିଜକୁ ଆଧ୍ୟାତ୍ମିକ ରୂପେ ଶକ୍ତିଶାଳୀ ଅନୁଭବ କରୁଅଛି ଓ ନିଜର ଇମାନ୍‌ରେ ଅଧିକା ଦୃଢ଼ତା ଅନୁଭବ କରୁଅଛି । ଆପଣମାନଙ୍କ ଭାଇଚାରା, ଶାନ୍ତି ଓ ପ୍ରେମକୁ ଦେଖି ଏକପ୍ରକାରର ଶକ୍ତି ପ୍ରାପ୍ତ ହେଉଛି । ମୁଁ ମୁହାଜିର୍‌ମାନଙ୍କ କ୍ୟାମ୍ପରେ ଯାଇ ସ୍ୱେଚ୍ଛାସେବୀରୂପେ କାମ କରୁଅଛି ଓ ସେଠାରେ ଯମାତ୍‌ର ପରିଚୟ ମଧ୍ୟ ଦେଉଅଛି ।

ଓ୍ୱଫା ହସନ୍ ଶର୍‌ମାନି ସାହିବା ୟମନ୍ ଦେଶରେ ପରିସ୍ଥିତି ଖରାପ ହୋଇଯିବା ଯୋଗୁଁ ନିଜର ପୁତ୍ର ଓ ମାଆଙ୍କ ସହିତ ହିଜ୍‌ରତ୍ କରି ହଙ୍ଗେରୀ ଆସିଅଛି । ପଛବର୍ଷ ବି ସେ ଜଲ୍‌ସାରେ ସାମିଲ ହୋଇଥିଲେ ଓ ଏ ବର୍ଷ ମଧ୍ୟ ତାଙ୍କୁ ସାମିଲ ହେବାର ସୌଭାଗ୍ୟ ପ୍ରାପ୍ତ ହେଲା । ସେ ହେଉଛନ୍ତି ମୁସଲମାନ ଓ ଗତଥର ଯେତେବେଳେ ସେ ମହିଳାମାନଙ୍କ ଜଲ୍‌ସାଗାଃକୁ ଗଲେ ସେଠାରେ ସେ ନିଜକୁ ଅଧିକା ସହଜ ଅନୁଭବ କଲେ । ଏ ବର୍ଷ ସେ କହିଲେ ଯେ, ମହିଳାମାନଙ୍କ ନିକଟକୁ ଯାଇ ସେ ସବୁତକ ପ୍ରୋଗ୍ରାମ ଶୁଣିଲେ । ତାଙ୍କ ପାଇଁ ଏହା ଏକ ବିଶେଷ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଏବଂ ଏକ ଆବେଗ ପୂର୍ଣ୍ଣ ପରିବେଶ ଥିଲା ।

ମାୟା କେମିନି ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଯାହା ମୋ ପାଇଁ ପ୍ରଥମ ଅବସର ଥିଲା ସେଠାରେ ପ୍ରତ୍ୟେକ ବ୍ୟକ୍ତି ଭଲ ପାଉଥିଲେ ଓ ସାହାଯ୍ୟ ମଧ୍ୟ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

କରୁଥିଲେ । ଯଦି କେବେ ବି ମତେ କୌଣସି ସମସ୍ୟାର ସମ୍ମୁଖିନ ହେବାକୁ ପଡୁଥିଲା । ସେତେବେଳେ କୌଣସି ନା କୌଣସି ବ୍ୟକ୍ତି ତତ୍କ୍ଷଣାତ ମତେ ସାହାଯ୍ୟ କରୁଥିଲେ । ଏଠାରେ ମୋର କିଛି ମଧ୍ୟ ଖରାପ ଅନୁଭବ ହୋଇନାହିଁ । ଖଲିଫାଙ୍କ ସହିତ ବହୁତ ଭଲ ସମୟ ଥିଲା । ମତେ ଏକଥା ବହୁତ ଭଲ ଲାଗିଲା ଯେ, ପ୍ରତ୍ୟେକ ବ୍ୟକ୍ତି ନିଜେ ଖଲିଫାଙ୍କ ସହିତ କଥା ହୋଇପାରୁଥିଲେ । ଏହା ମୋର ପ୍ରଥମ ମୌକା ଥିଲା ଆଶା କରୁଛି ଏହା ମୋର ଶେଷ ମୌକା ନ ହେବ । ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଙ୍ଗେରୀ ପ୍ରତିନିଧିମଣ୍ଡଳର ସାକ୍ଷାତକାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଦିନ ୧:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ପ୍ରତିନିଧିମଣ୍ଡଳର ସମସ୍ତ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ମାଲ୍‌ଟା ଦେଶର ଓ୍ୱଫଦ୍‌ଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ତା'ପରେ ପ୍ରୋଗ୍ରାମ ମୁତାବକ ମାଲ୍‌ଟା ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ମାଲ୍‌ଟାରୁ ୧୩ ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଆସିଥିଲା । ଓ୍ୱଫଦ୍‌ର ସଦସ୍ୟମାନେ ଜଣ ଜଣ ହୋଇ ନିଜର ପରିଚୟ ଦେଲେ ।

ଓ୍ୱଫଦ୍‌ର ସଦସ୍ୟମାନେ କହିଲେ ଏଠି ଜଲ୍‌ସାରେ ବହୁତ ଗୁଡ଼ିଏ ଦେଶରୁ ଲୋକମାନେ ଆସି ଏକାଠି ହୋଇଥିଲେ । ଆମେ ଏଠି ଦେଖିଲୁ ଯେ, ସମସ୍ତେ ଆପୋଷରେ ଏକ ହୋଇଯାଇଥିଲେ । ଆମେ ଏଠାରେ ବହୁତ କିଛି ଶିଖିଲୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏଠାରେ ଆପଣମାନଙ୍କୁ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ଦେଖିବାକୁ ମିଳିଲା ।

ମାଲ୍‌ଟାରୁ ଆସି ଜଲ୍‌ସାରେ ସାମିଲ ହୋଇଥିବା ତିନିଜଣ ମହିଳା ଅତିଥି, ମହିଳାମାନଙ୍କ ନିମନ୍ତେ ଲଗାଯାଇଥିବା ସାମିୟାନା ଭିତରକୁ ମଧ୍ୟ ଗଲେ । ସେମାନେ କହିଲେ ଯେ, ସେଠାରେ ଆମର ବହୁତ ଧ୍ୟାନ ରଖାଗଲା । ଆମକୁ ଅନେକଥର ପଚାରାଯାଇଛି ଯେ, ଆମକୁ କୌଣସି ଜିନିଷର ଆବଶ୍ୟକତା ନାହିଁ । ଆମର ଖାଇବା, ଆମର ସମସ୍ତ ଆବଶ୍ୟକତାକୁ ବହୁତ ଭଲଭାବେ ଧ୍ୟାନ ରଖାଗଲା । ମୋଟାମୋଟି ଭାବେ ଭାଷଣଗୁଡ଼ିକର ଅନୁବାଦର ସ୍ତର ଏବଂ ସ୍ୱରର କ୍ୱାଲିଟି ବହୁତ ଭଲ ଥିଲା । ଆମେ ସବୁକଥାକୁ ଗଭୀର ରୂପେ ମନଧ୍ୟାନ ଦେଇ ଶୁଣିଲୁ । ସବୁ ମାମଲାରେ କର୍ମ କରିବାପାଇଁ ଉପଦେଶ ଓ ମାର୍ଗଦର୍ଶନ କରାଗଲା । ମହିଳାମାନଙ୍କ ସାମିୟାନା ଭିତରେ ଗୋଟିଏ ପରିବାର ଭଳି ପରିବେଶ ଥିଲା । ଏପରି ଥିଲା ଯେ, ଯେମିତି ଆମେ ଜଣେ ଅନ୍ୟଜଣକୁ ବହୁତ ଭଲଭାବେ ବୋଧ ହୁଏ ଶହଶହ ବର୍ଷ ଧରି ଜାଣିଛୁ ଯେବେ କି ଆମର ତ ପ୍ରଥମଥର ସାକ୍ଷାତ ହେଉଥିଲା ।

ମାଲ୍‌ଟାରୁ ଆସିଥିବା ସେହି ତିନିଜଣ ମହିଳା ଅତିଥି କହିଲେ ଯେ, ମହିଳାମାନଙ୍କ ସାମିୟାନାରେ ଅଧିକ ସହଜ ଅନୁଭବ ହେଉଥିଲା ଓ ଆମକୁ ଦୁଇପଟର ପରିବେଶକୁ ଅନୁଭବ କରିବାର ମୌକା ମିଳିଲା । ଇସ୍‌ଲାମ୍‌ର ଯେଉଁ ଶିକ୍ଷା ରହିଛି ଯେ, ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା କରାଯାଇଥାଏ, ଆମକୁ ଏହାର ସଠିକ, ଗୁଢ଼ ରହସ୍ୟ ଏବଂ ଫିଲୋସଫିକୁ ବୁଝିବାର ମୌକା ମିଳିଲା । ଆମେ ନିଜର ଅନୁଭବ ଆଧାରରେ ଏହା କହିପାରିବୁ ଯେ, ଇସ୍‌ଲାମୀୟ ଶିକ୍ଷା ବହୁତ ଗଭୀର ଓ ବୁଦ୍ଧିମତାରେ ପରିପୂର୍ଣ୍ଣ ଏବଂ ମହିଳାମାନେ ଅଲଗା ଜାଗାରେ ଅଧିକ ସହଜତା ଓ ସାନ୍ତ୍ୱନା ଅନୁଭବ କରୁଛନ୍ତି ଏବଂ ସେମାନଙ୍କୁ ନିଜର ବ୍ୟବସ୍ଥାଗୁଡ଼ିକୁ ସମ୍ଭାଳିବାପାଇଁ ଏବଂ ନିଜ ଯୋଗ୍ୟତାର କୌଶଳ ଦେଖାଇବା ପାଇଁ ବ୍ୟାପକରୁପେ ମୌକା ମିଳୁଅଛି ।

ମାଲ୍‌ଟାରୁ ଜଲ୍‌ସାରେ ସାମିଲ ହେବାକୁ ଜଣେ ସଦ୍ୟ ବିବାହିତା ମହିଳା ଅତିଥି ସାମିଲ ହୋଇଥିଲେ, ସେ ନିଜର ମନୋଭାବକୁ ଏପରି ପରିପ୍ରକାଶ କରୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କର ମହିଳାମାନଙ୍କ ପାଇଁ ଥିବା ଅଭିଭାଷଣ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି ଯେଉଁଥିରେ ହଜୁର ପୁରୁଷ ଓ ମହିଳାମାନଙ୍କର ଅଧିକାର ଓ ଦାୟିତ୍ୱଗୁଡ଼ିକ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ଘରେ ଘରେ ସମସ୍ୟା ରହିଛି ତେଣୁ ଏ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅଙ୍କର ମାର୍ଗଦର୍ଶନ ସବୁବେଳ ପାଇଁ ବହୁତ ହିଁ ଲାଭକାରୀ ପ୍ରମାଣିତ ହେବ । ସେ ଏକଥାକୁ କହିଲେ ଯେ, ଇସ୍‌ଲାମ୍‌ରେ ବିବାହ ପୂର୍ବରୁ ପବିତ୍ରତା ଏବଂ ନିଜର ଇଜ୍ଜତକୁ ରକ୍ଷା କରିବାପାଇଁ ଥିବା ଶିକ୍ଷା ବହୁତ ହିଁ ବୁଦ୍ଧିମତା ଉଚିତ ଅଟେ । ହଜୁର୍ ଆଧ୍ୟାତ୍ମିକ ଓ ଶାରିରୀକ ପବିତ୍ରତା ଏବଂ ଧର୍ମପରାୟଣତା ପ୍ରତି ମଧ୍ୟ ମାର୍ଗ ଦର୍ଶନ କରାଇଲେ । ସେ ବର୍ଣ୍ଣନା କଲେ ଯେ, ଯଦି ସେ ପୁର୍ନବାର ଜଲ୍‌ସାରେ ସାମିଲ ହେବେ ତେବେ ସବୁତକ ସମୟ ମହିଳାମାନଙ୍କ ନିମନ୍ତେ ଥିବା ସାମିୟାନା ଭିତରେ ହିଁ ବିତାଇବେ । କାରଣ ସେଠାରେ ଯେଉଁ ପରିବେଶ ତାଙ୍କୁ ମିଳିଲା ତାହା ଅତ୍ୟନ୍ତ ଧାର୍ମିକ ଓ ଆଧ୍ୟାତ୍ମିକ ଥିଲା ।

ମାଲ୍‌ଟାରୁ ଆସିଥିବା ଜଣେ ମହିଳା ଓକିଲ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଜଲ୍‌ସାର ସମସ୍ତ ବ୍ୟବସ୍ଥା, ଅତିଥିପରାୟଣତା ଏବଂ ଯମାତ୍ ଅହେମଦୀୟାର ସଦସ୍ୟମାନଙ୍କର ଅତ୍ୟନ୍ତ ସକାରାତ୍ମକ ଏବଂ ପ୍ରେମଭରା ବ୍ୟବହାର ଏବଂ ଅତିଥିପରାୟଣତା

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ଦ୍ୱାରା ବହୁତ ପ୍ରଭାବିତ ହେଲି । ବୟତର ଦଶଟି ସର୍ତାବଳୀ ଅତ୍ୟନ୍ତ ମନମୁଗ୍ଧକାରୀ ଏବଂ ବୁଦ୍ଧିମତାର ପ୍ରତିଛବୀ ଥିଲା, ସେ ଏକଥା କହିଲେ ଯେ, ଏତେବଡ଼ ସଂଖ୍ୟାର ଲୋକମାନେ ଗୋଟିଏ ଜାଗାରେ ଏକତ୍ରିତ ହୋଇଥିବା ସତ୍ୱେ ମଧ୍ୟ ସଫାଇ କାର୍ଯ୍ୟକ୍ରମର ବହୁତ ଉଚ୍ଚତମ ସ୍ତରକୁ କାୟମ ରଖାଯାଇଛି ।

ମାଲ୍‌ଟାରୁ ଆସିଥିବା ଜଣେ ମହିଳା ଅତିଥି କହିଲେ ଯେ, ମହିଳାମାନଙ୍କ ଟେଂଟରେ ତାଙ୍କୁ ବହୁତ ମଜା ଆସିଲା ଓ ସେଠାରେ ତାଙ୍କର ଆପଣାପଣର ଅନୁଭବ ବହୁତ ବଢ଼ିଗଲା ।

ମାଲ୍‌ଟାରୁ ଆସି ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିବା । ଜଣେ ଇସାଇ ବନ୍ଧୁ ଯିଏ ପାଦ୍ରୀ ହିସାବରେ ମଧ୍ୟ କେତେକ ଦେଶରେ କାମ କରୁଛନ୍ତି ଓ ପରେ ସେ, ସେହି କର୍ତବ୍ୟରୁ ନିଜକୁ ଅଲଗା କରିଦେଲେ । ସେ ନିଜର ମନଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ ମୁଁ ଆଜି ପର୍ଯ୍ୟନ୍ତ କେବେ ଏଭଳି ସୁସଂଘଠିତ ଓ ଉଚ୍ଚସ୍ତରର ସମ୍ମିଳନୀ ଦଖେନାହିଁ ଯେଉଁଥିରେ ହଜାର ହଜାର ଲୋକ ସାମିଲ ହୋଇଥିବେ ଓ ଚାରିଆଡ଼େ ପ୍ରେମ ଓ ଭାଇଚାରାର ପରିବେଶ ପ୍ରକାଶ ହେଉଥିବ ।

ମାଲ୍‌ଟାର ଜଣେ ମୁସଲମାନ ବନ୍ଧୁ ଯିଏ ଜଣେ ସ୍ଥାନୀୟ କାଉନ୍‌ସିଲ୍‌ରେ କାଉନ୍ସିଲର ରୂପେ କାର୍ଯ୍ୟରତ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଯମାତ୍ ଅହେମଦୀୟା ଧର୍ମୀୟ ସ୍ୱାଧିନତା ଉପରେ ବିଶ୍ୱାସ ରଖୁଛି ଓ ନିଜ କର୍ମ ଦ୍ୱାରା ଏପରି ଏକ ପରିବେଶ ସୃଷ୍ଟି କରିଛି ଯେ, ସେ ନିଜର ପରିଚୟକୁ କାୟମ ରଖି ଅନ୍ୟ ଧର୍ମର ଲୋକମାନଙ୍କୁ ମଧ୍ୟ ନିଜ ସହିତ ସାମିଲ କରିଚାଲିଛି । ପୁଣି ସେ କହିଲେ, ମୁଁ ଯଦି ଗୋଟିଏ ବାକ୍ୟରେ ଏହାକୁ କହିବାକୁ ଚାହେଁ ତାହେଲେ ତାହା ହେବ Ahmadiyyat is Perfect । ଅହମଦୀୟତ ସଂଖ୍ୟାରେ ତ ବହୁତ ଛୋଟ ଯମାତ୍ କିନ୍ତୁ ନିଜର ଉପସ୍ଥିତି ଓ ନିଜର ପ୍ରଚେଷ୍ଟା ଯୋଗୁଁ ଏହା ଦଣ୍ଡିପଲାରେ ବହୁତ ଭାରି ଅଛି । ପୁଣି ସେ କହିଲେ ଅହମଦୀୟତକୁ ଆନ୍ତର୍ଜାତିୟ ଇସ୍‌ଲାମୀୟ ବିରୋଧର ସମ୍ମୁଖିନ ହେବାକୁ ପଡୁଛି । ଏ କଥା ମତେ ବ୍ୟତିବ୍ୟସ୍ତ କରିଦେଉଛି । ଅହମଦୀୟତ ଅତ୍ୟନ୍ତ ସୁନ୍ଦର ଭାବେ ମାନବଜାତିର ସେବା କରୁଅଛି ଏବଂ ଇଂଟିଗ୍ରେସନ ଉପରେ ବହୁତ ଜୋର୍ ଦେଉଅଛି । ସେ କହିଲେ ଅହମଦୀୟତ ଇସ୍‌ଲାମ ବିରୋଧରେ ସୃଷ୍ଟି ହେଉଥିବା ଘୃଣା ଓ ନକରାତ୍ମକ କାର୍ଯ୍ୟକଳାପର ଖିଲାଫରେ ଏକ ବହୁତ ପ୍ରଭାବଶାଳୀ ପରିବର୍ତନର ଉତ୍ସ । ଅହମଦୀୟତ ଆଜି ଇସ୍‌ଲାମ୍‌ର ପ୍ରତିରକ୍ଷା ପାଇଁ ସର୍ବାଗ୍ରେ ଛିଡ଼ା ହୋଇଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଧର୍ମ ହେଉଛି ହୃଦୟ ଓ ଅନ୍ତରର କଥା ପବିତ୍ର କୋରାନ୍ ଏ ନିର୍ଦ୍ଦେଶ ଦେଇଛି ଯେ, ଧର୍ମସଂକ୍ରାନ୍ତରେ କୌଣସି ବାଧ୍ୟ ବାଧକତ ନାହିଁ । ମଣିଷ ହୋଇଥିବା ଦୃଷ୍ଟିକୋଣରୁ ଆମ ସମସ୍ତଙ୍କୁ ଏକାଠି ହେବା ଉଚିତ ।

ସେ ମହାଶୟ କହିଲେ ଯେ, ଆମେ ମାଲ୍‌ଟାରେ ଅହମଦୀ ମୁବ୍‌ଲିଗ୍‌ଙ୍କ ସହିତ ମିଶି କାମ କରୁଅଛୁ ଆମକୁ ଏଥିରେ ବହୁତ ଆନନ୍ଦ ମିଳୁଅଛି । ଯମାତ୍ ଅହମଦୀୟା ମାଲ୍‌ଟା, ମାଲ୍‌ଟା ଦେଶର ସ୍ଥାନୀୟ ଲୋକମାନଙ୍କ ସହିତ ମିଶି ବହୁତ ଭଲ କାମ କରୁଅଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅହମଦୀୟା ଯମାତ୍‌ର ଏହିଭଳି ଛବି ଦୁନିଆର ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳିଥାଏ । ଏବେ ଏଠାରେ ଅତିଥିମାନଙ୍କ ସହିତ ଯେଉଁ ପ୍ରୋଗ୍ରାମ ଥିଲା ସେଥିରେ ପାଖାପାଖି ୫୦୦ ଜର୍ମାନର ଅତିଥି ଏକାଠି ହୋଇଥିଲେ । ଅହମଦୀ ମାନଙ୍କର ସେମାନଙ୍କ ସହିତ ଉତମ ସମ୍ପର୍କ ରହିଛି ବୋଲି ତ ସେମାନେ ଏହି ପ୍ରୋଗ୍ରାମକୁ ଆସିଥିଲେ । ଆପୋଷରେ ମିଳିମିଶି ରହୁଥିବା ଯୋଗୁଁ ତ ସେମାନେ ଆସିଥିଲେ ।

ମାଲ୍‌ଟାରୁ ଜଲ୍‌ସାରେ ସାମିଲ ହୋଇଥିବା ଜଣେ ଇସାଇ ବନ୍ଧୁ ବର୍ଣ୍ଣନା କଲେ ଯେ, ଜଲ୍‌ସାର ସମସ୍ତ ବ୍ୟବସ୍ଥା, ଅତିଥି ପରାୟଣତା, ଭାଇଚାରା ଏବଂ ଯମାତ୍ ଅହମଦୀୟାର ପଥପଦର୍ଶକ ହଜ୍‌ରତ୍ ଖଲିଫତୁଲ୍ ମସିହ ଖାମିସ୍‌ଙ୍କ ବ୍ୟକ୍ତିତ୍ୱରୁ ବହୁତ ପ୍ରଭାବିତ ହୋଇଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପରେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ହଜୁରଙ୍କ ସହିତ ସାକ୍ଷାତ କରିବା ସମୟରେ ଏକ ଆଧାତ୍ମିକ ପରିବେଶ ଅନୁଭୁତ ହେଉଥିଲା । ହଜୁରଙ୍କ ଅସ୍ତିତ୍ୱରେ ଏକ ଆଧାତ୍ମିକ ଶକ୍ତି ଥିବାର ଅନୁଭବ ହେଲା । ଯାହା ମନକୁ ହଜୁରଙ୍କ ଆଡ଼କୁ ଟାଣି ନେଉଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅତିଥିମାନଙ୍କ ସହିତ ସେମାନଙ୍କ ସ୍ତର ମୁତାବକ ବହୁତ ପ୍ରେମପୂର୍ଣ୍ଣ ଶୈଳୀରେ ବାର୍ତାଳାପ କରିବା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ।

ମାଲ୍‌ଟାରୁ ଆସିଥିବା ଆଉ ଜଣେ ବନ୍ଧୁ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ହଜୁରଙ୍କ ସହିତ ମିଶି ଏକ ବିଶେଷ ପ୍ରକାରର ଶକ୍ତିର ଅନୁଭବ ହେଲା । ହଜୁରଙ୍କ ଅସ୍ତିତ୍ୱରୁ ଶାନ୍ତିପୂର୍ଣ୍ଣଶକ୍ତି ସ୍ୱତନ୍ତ୍ର ରୂପେ ପ୍ରକାଶ ହେଉଥିଲା । ହଜୁରଙ୍କ ସହିତ କରମର୍ଦ୍ଦନ କରିବାବେଳେ ଏକ ଗଭୀର ଓ ଆଧାତ୍ମିକ ସ୍ପର୍ଶର ଅନୁଭବ ହେଉଥିଲା ।

ମାଲ୍‌ଟାରୁ ଆସିଥିବା ଜଣେ ଇସାଇ ଅତିଥି ନିଜର ମୋନଭାବକୁ ଏପରି ବ୍ୟକ୍ତ କରୁଛନ୍ତି ଯେ, ଆମ ପାଇଁ ଏହା ବହୁତ ବଡ଼ ସୌଭାଗ୍ୟ ଓ ସମ୍ମାନର ବିଷୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତାକାର ଏହି ଯାତ୍ରାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା । ଆମେ ଏଥିଯୋଗୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ କୃତଜ୍ଞତା ଜଣାଉଛୁ । ହଜୁର ନିଶ୍ଚିତରୂପେ ଜଣେ ମହାନ୍ ବ୍ୟକ୍ତି ଅଟନ୍ତି । ସେ ପୁଣି କହିଲେ । ମୋର ଏ ଇଚ୍ଛାଥିଲା କି କାଳେ ଆହୁରି ଅଧିକ ସମୟ ମିଳିଥାନ୍ତା ଯେ ମୁଁ ହଜୁରଙ୍କ ସହିତ ଅଧିକ କଥା ହୋଇପାରିଥାନ୍ତି ।

ମାଲ୍‌ଟାରୁ ଆସିଥିବା ଓ୍ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ଦିନ ୧:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତକାର ଶେଷ ହେବାପରେ ଓ୍ୱଫଦ୍ ର ସମସ୍ୟ ସଦ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହି ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ଅଜର୍‌ବାଇଜାନ୍‌ରୁ ଆସିଥିବା ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ଏହାପରେ ଅଜର୍‌ବାଇଜାନ୍ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ଅଜର୍‌ବାଇଜାନ୍‌ରୁ ଆସିଥିବା ଜଣେ ନୂତନ ଅହମଦୀ ଯୁବକ କହିଲେ ଯେ, ଆମେ ଏଠାକୁ ଆସି ବହୁତବଡ଼ ଆଧାତ୍ମିକ ପରିବେଶ ପ୍ରାପ୍ତ କଲୁ । ଏହା କିପରି ସମ୍ଭବ ହେଉ ଯେ, ଆମେ ଏଠାରୁ ଫେରିଯିବା ପରେ ମଧ୍ୟ ଆମର ଏହି ପରିବେଶ କାୟମ ରହୁ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ନିଜର ପାଂଚବେଳା ନମାଜକୁ ନିୟମିତ ପାଠ କରନ୍ତୁ ସୁରାଃ, ଫାତିହାକୁ ମୁଖସ୍ତ କରନ୍ତୁ ଓ ପୁଣି ଏହାର ଅନୁବାଦକୁ ମନେରଖନ୍ତୁ । ***ଇଆକା ନାବୁଦୁ ଓ୍ୱଇୟାକା ନସ୍ତଇନ୍*** କୁ ବାରମ୍ବାର ପାଠ କରନ୍ତୁ । ଖୁଦାତାଲାଙ୍କ ଉପାସନା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । ସେହିପରି ***ଅହଦନସ୍ ସିରାତଲ୍ ମୁସ୍ତକିନ୍*** ଉପରେ ଜୋର ଦିଅନ୍ତୁ ଏବଂ ଇସ୍ତଗିଫାର୍ କରିଚାଲନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମଣିଷର କାମ ହେଉଛି ଚେଷ୍ଟା କରିବା ଏବଂ ଦୁଆ ଜରିଆରେ ଖୁଦାତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବ । ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ ଏହା ମନେ ରଖନ୍ତୁ ଯେ, ଖୁଦାତାଲା ମତେ ଦେଖୁଛନ୍ତି । ହଜୁର କହିଲେ, ଯଦି ଈଶ୍ୱର ମନେ ରହିବେ ତେବେ ସବୁ କାର୍ଯ୍ୟ ଠିକ୍ ହୋଇଯିବ ।

ଅଜର୍‌ବାଇଜାନ୍‌ରୁ ଆଗା ସଫ୍ ଅସ୍‌ଗରୁ ସାହେବ ଜଲ୍‌ସାରେ ସାମିଲ ହୋଇଥିଲେ । ସେ ଜଲ୍‌ସା ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ବୟତ କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କରିଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ମୁଁ ଏକଥା କେବେ ଭାବିନଥିଲି ଯେ, ମୁଁ ଆଧାତ୍ମିକତାରେ ଏତେ ଉପର ସ୍ତରକୁ ଦେଖିବି ବୋଲି ଯାହା ଖଲିଫତୁଲ୍ ମସିହ୍‌ଙ୍କ ଅସ୍ତିତ୍ୱରେ ହିଁ ରହିଛି । ମୁରବୀ ମେହମୁଦ୍ ସାହେବ୍ ମତେ ଯମାତ୍ ସମ୍ବନ୍ଧରେ ଓ ଯମାତ୍‌ର ଆସ୍ଥା ଓ ବିଶ୍ୱାସ ସମ୍ବନ୍ଧରେ ଜ୍ଞାନ ଦେବା ଆରମ୍ଭ କରିଛନ୍ତି । ମ ତେ ତ ଏହାସବୁ କିଛି ମନଗଢ଼ା ଓ ମିଛ ଲାଗିଲା । ମୁଁ ଏହି କଥାଗୁଡ଼ିକ ଶୁଣିବାମାତ୍ରେ ହିଁ ଅସ୍ୱୀକାର କରିଦେଲି କିନ୍ତୁ ମୁଁ ଜାଣିନଥିଲି ଯେ, ସତ୍ୟର ଏହି ଶକ୍ତି ମତେ ତା ଆଡ଼କୁ ଖୁବ୍ ଶିଘ୍ର ଟାଣିନେବ ବୋଲି । ନିଶ୍ଚିତରୂପେ ଯମାତ୍‌ର ସତ୍ୟତା ଓ ତା ଦ୍ୱାରା ଉପସ୍ଥାପିତ ଦଲାଇଲ୍ (ଯୁକ୍ତିଯୁକ୍ତ ପ୍ରମାଣ) ବହୁତ ଦୃଢ଼ । ଭିଡ଼ିଓ ଜରିଆରେ ଦେଖିଥିବା ଦୃଶ୍ୟ ଏଠାରେ ଆସି ବାସ୍ତବରେ ଦେଖିବାକୁ ମିଳିଲା । ହଜୁରଙ୍କୁ ନିକଟରେ ଦେଖିବାପାଇଁ ମୁଁ ଯୁମାର ପ୍ରଥମ ଧାଡ଼ିରେ ଯାଇକି ମୁଁ ବସୁଥିଲି । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଆସିବାରେ ଦେଖି ବହୁତ ଆନନ୍ଦ ଅନୁଭବ ହେଉଥିଲା ଓ ଏହି ଆଧାତ୍ମିକ ଆନନ୍ଦ ସେତେବେଳେ ଆହୁରି ବଢ଼ିଗଲା ଯେତେବେଳେ ହଜୁରଙ୍କ ପବିତ୍ର ମୁଖରୁ ପବିତ୍ର କୋରାନ୍ ଆବୃତି କରିବାର ଶୁଣିଲି । ଏପରି ଲାଗୁଥିଲା ଯେ, ଏହି ଆବାଜ୍ ଓ ଏହାର ଆଧାତ୍ମିକ ପ୍ରଭାବ କେବଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହିଁ ସମ୍ବନ୍ଧିତ । ଜଲ୍‌ସରେ ବହତୁ ଗୁଡ଼ିଏ ଲୋକଙ୍କ ସହିତ ମିଶିବାର ଅବସର ମିଳିଲା କିନ୍ତୁ ପ୍ରତ୍ୟେକ ବକ୍ତିଙ୍କ ସହିତ ମିଶି ଗୋଟିଏ ପ୍ରକାରର ଖୁସି ଅନୁଭବ ହେଉଥିଲା ଯାହା ନିଶ୍ଚିତରୂପେ ଏହାର ପ୍ରମାଣ ଯେ, ଏହା ହେଉଛି ଗୋଟିଏ ହିଁ ଯମାତ୍ ।

ଅଲ୍ଲାଃ ତାଲା ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତରେ ବୟତ କରିବାର ସୌଭାଗ୍ୟ ଦେଇଛନ୍ତି ପ୍ରଥମ ଥର ଯେତେବେଳେ ମତେ ଏହାର ଏତେଲା ଦିଆଗଲା ସେତେବେଳେ ମତେ ବିଶ୍ୱାସ ହେଲା ନାହିଁ । ମୁଁ ଚାରି ପାଂଚଥର ପଚାରିଲି ଯେ, କଣ ପ୍ରକୃତରେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତ ଉପରେ ହାତ ରଖି ବୟତ କରିବି ? ମୋ ଆଖିରେ ଅଶ୍ରୁ ଭରିଗଲା । ତତ୍‌ସହିତ ମୁଁ ବିଚଳିତ ହୋଇଗଲି ଯେ, ମୁଁ ତ ଏହାର ଯୋଗ୍ୟ ନୁହେଁ ଅତଏବ୍ ମୁଁ ଦରୁଦ୍ ଶରିଫ୍ ଏବଂ ଇସ୍ତଗେଫାର୍ ପଢ଼ିବା ଆରମ୍ଭ କରିଦେଲି । ବୟତ କରିବାର ମୌକା ଆସିବା ପର୍ଯ୍ୟନ୍ତ ନା ମୁଁ ଖାଇ ପାରିଲି ନା ଆଉ କିଛି କରିପାରିଲି ଅଲ୍‌ହମଦୁଲିଲ୍ଲାଃ ବୟତ କରିବାର ମୌକା ମଧ୍ୟ ଆସିଗଲା । ହଜୁରଙ୍କ ଜ୍ୟୋତିପୂର୍ଣ୍ଣ ଚେହେରା ଉପରେ ମୋ ଆଖି ରହିପାରୁନଥିଲା । ଅଲ୍ଲାଃ ତାଲା ମତେ ଏପରି ଶକ୍ତିପୂର୍ଣ୍ଣ ଆଧାତ୍ମିକ ଅବସର ପ୍ରଦାନ କଲେ ଯେ, ମୁଁ ବୟତ କରିବାପରେ ସିଜ୍‌ଦାରେ ପଡ଼ିଗଲି ଏବଂ ତାହାର ଧନ୍ୟବାଦ ଅର୍ପଣ କଲି ଯିଏ ନିଜର ଏହି ଅଧମ ପାପି ଭକ୍ତକୁ ନିଜର ଏତେବଡ଼ ପବିତ୍ର ଭକ୍ତଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଜଲ୍‌ସା ପରେ ମୁଁ ଜାଣିପାରିଲି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆମକୁ ଆଉ ଏକ ସାକ୍ଷାତାକାରର ଅବସର ମିଳିଯିବ ମୁଁ ଦିନ ତମାମ ଅନେକ ପ୍ରଶ୍ନ ଚିନ୍ତା କଲି ଓ ମନ ଭିତରେ ଏକଥା ମଧ୍ୟ ଆସୁଥିଲା ଯେ, ବୟତ କରିବା ସମୟରେ ଯେଉଁ ଚେହେରା ମୁଁ ଦେଖିଥିଲି ତାହାକୁ ଏତେଶିଘ୍ର ପୁର୍ନବାର ଦେଖିପାରିବି । ଯେତେବେଳେ ସାକ୍ଷାତ କରିବାର ଅବସର ଆସିଲା । ସେତେବେଳେ ମୋ ମନ ଭିତରେ ଥିବା କେତେକ ପ୍ରଶ୍ନକୁ ମୁଁ ଭୁଲିଗଲି କେବଳ ସବୁଠାରୁ ଚିନ୍ତାରେ ପକାଉଥିବା ପ୍ରଶ୍ନଟି ମତେ ମନେ ରହିଲା ଯେ, ମୁଁ ଏ ଜଲ୍‌ସା ପରେ ନିଜ ଦେଶକୁ ଯାଇ ମୋର ଏହିଭଳି ଆଧାତ୍ମିକ ଅବସ୍ଥା କାୟମ ରହିବ କି ନାହିଁ ବା ଏହାକୁ କିପରି

କାୟମ ରଖାଯାଇପାରିବ । ଅଲ୍‌ହମ୍‌ଦୁଲିଲ୍ଲାଃ ହଜୁର ଅନଓ୍ୱର ଅ:ବ:ଅ ମୋର ଏହି ସମସ୍ୟାର ସମାଧାନ ବତାଇଦେଲେ ଆପଣଙ୍କର ଏ ଉତର ମତେ ସାନ୍ତ୍ୱନା ପ୍ରଦାନ କଲା ଯେ, ନମାଜ, ସୁରାଃ ଫାତିହା, ଏହଦେନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ୍ଜିନା ଅନ୍‌ହମ୍‌ତା ଆଲୈହିମ୍ ଏବଂ ଇସ୍ତେଗଫାର୍ ହେଉଛି ଏହାର ସମାଧାନର ମାର୍ଗ । ମୁଁ ଏଠାରୁ ଏ ପ୍ରତିଜ୍ଞା କରିଯାଉଛି ଯେ, ଆସନ୍ତା ଜଲ୍‌ସା ପର୍ଯ୍ୟନ୍ତ ଏହି ଉପଦେଶ ଉପରେ ପରିଚାଳିତ ହେବି ଓ ଆସନ୍ତା ବର୍ଷ ଆସି ହଜୁରଙ୍କୁ ଏକଥା ବତାଇବି ।

ଆଉ ଜଣେ ବନ୍ଧୁ ତାଲେ ହେମିଲି ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ସର୍ବପ୍ରଥମେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ଯେ, ମତେ ଏହି ଜଲ୍‌ସା ସାଲାନାକୁ ଆସିବାପାଇଁ ନିମନ୍ତ୍ରଣ ଦିଆଗଲା । ଅହମଦିୟା ମୁସ୍‌ଲିମ୍ ଯମାତ୍‌ର ଜଲ୍‌ସାରେ ସାମିଲ ହୋଇଥିବା ଯୋଗୁଁ ମୁଁ ବହୁତ ଆନନ୍ଦିତ । ଅହମଦୀୟା ମୁସ୍‌ଲିମ୍ ଯମାତ୍‌ର ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ହେଉଛି ଏପରି ଏକ ମୋଟୋ ଯାହା ମତେ ସବୁଠାରୁ ଅଧିକ ପ୍ରଭାବିତ କରିଛି । ଏହା ଏକ ଏପରି ଜବରଦସ୍ତ ବାକ୍ୟ ଯାହା ଭିତରେ ଯମାତ୍‌ର ସମ୍ପୁର୍ଣ୍ଣ ପରିଚୟ ଅଛି । ଫ୍ରାଙ୍କଫର୍ଟ ଆସିବା ସମୟରେ ଏୟାରପୋର୍ଟରୁ ଯମାତ୍‌ର ଖୁଦାମ୍‌ମାନେ ଆମକୁ ରିସିଭ କଲେ । ସେହିଠାରୁ ନେଇ ଶେଷ ପର୍ଯ୍ୟନ୍ତ ସେମାନେ ଆମ ସହିତ ରହିଲେ ସେମାନେ ଆମକୁ ବହୁତ ସାହାଯ୍ୟ କଲେ, ସେମାନଙ୍କର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଚମତ୍କାର ଥିଲା ।

ମୋ ମତରେ ଜଲ୍‌ସାର ଏକତା ହିଁ ବହୁତ ଗୁରୁତ୍ୱପୂର୍ଣ୍ଣ, ଲୋକମାନଙ୍କୁ ଯମାତ୍ ସମ୍ବନ୍ଧରେ ଜ୍ଞାନ ମିଳୁଅଛି ଓ ଏହା ଦ୍ୱାରା ଜଣେ ଅନ୍ୟଜଣଙ୍କ ସହିତ ମିଳାମିଶା କରିବାର ଅବସର ସୃଷ୍ଟି ହେଉଛି । ଜଲ୍‌ସାରେ ସାମିଲ ହୋଇଥିବା ଲୋକମାନେ ଚରିତ୍ରବାନ ଥିଲେ । ଏତେବଡ଼ ଜଲ୍‌ସାର ଆୟୋଜନ କରିବା ଓ ଏତେ ସୁନ୍ଦରଭାବେ ଶେଷ ସ୍ତରରେ ପହଂଚାଇବା ମୋ ପାଇଁ ଏଥିରେ ଏକ ପ୍ରମାଣ ଥିଲା ଯେ, ବାସ୍ତବରେ ଏହାକୁ ଖୁଦାତାଲାଙ୍କର ସାହାଯ୍ୟ ପ୍ରାପ୍ତ ହୋଇଛି ଓ ଏହା ହେଉଛି ଗୋଟିଏ ପବିତ୍ର ୟୁନିଟ । ମୁଁ ଖଲିଫତୁଲ୍ ମସିହ୍‌ଙ୍କୁ ଦେଖିଲି ତାଙ୍କ କଥା ଶୁଣିଲି ତାଙ୍କର ମନୋଭାବ ଓ ଉପଦେଶାବଳୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋ ପାଇଁ ଏହା ବହୁତ ବଡ଼ ସମ୍ମାନ ଥିଲା ଯେ, ମୁଁ ଖଲିଫାଙ୍କ କଥାକୁ ଶୁଣିପାରିଲି ଓ ଦେଖିପାରିଲି । ମୋ ଜୀବନରେ ମୁଁ ପ୍ରଥମଥର ଏପରି ଦୃଶ୍ୟ ଦେଖିବାକୁ ପାଇଲି ଯେ, ହଜାର ହଜାର ଲୋକେ କେବଳ ଇସ୍‌ଲାମୀୟ ଶିକ୍ଷାର ଉଦ୍ଦେଶ୍ୟ ପାଇଁ ଏବଂ ଅଲ୍ଲାଃଙ୍କ ଖଲିଫାଙ୍କ ପାଇଁ ଏକାଠି ହୋଇଥିଲେ । ଏଠାକୁ ପ୍ରତ୍ୟେକ ଦେଶର ଲୋକେ ଆସିଛନ୍ତି କିନ୍ତୁ ସେମାନଙ୍କର ଆପୋଷରେ ପ୍ରେମ, ସ୍ନେହ ଏବଂ ସଦ୍‌ବ୍ୟବହାର ଏପରି ଏକ ପରିବେଶ ସୃଷ୍ଟି କରୁଥିଲା ଯାହା ଦୁନିଆର କୌଣସି ମଧ୍ୟ ୟୁନିଟରେ ଅସମ୍ଭବ । ଏ ଜଲ୍‌ସା ମତେ ଏକ ଆଧ୍ୟାତ୍ମିକ ଜଗତ ସହିତ ପରିଚିତ କରାଇଲା ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବିଷୟରେ ଅବଗତ କରାଇଲା । ଏହା ପୂର୍ବରୁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ ସନ୍ଦେହ ଓ ଆଶଙ୍କା ମୋ ମନ ଭିତରେ ଥିଲା ଯଦିଚ ମୁଁ ନିଜେ ମଧ୍ୟ ମୁସଲମାନ କିନ୍ତୁ ଯମାତ୍ ଅହମଦୀୟାର ଶିକ୍ଷାଗୁଡ଼ିକ ମୋ ହୃଦୟକୁ ପରିଷ୍କାର କରିଦେଲା ଓ ମତେ ବାସ୍ତବିକ ଏକଥାରେ ଗର୍ବ ଅନୁଭବ ହେଉଛି ଯେ, ମୁଁ ହେଉଛି ମୁସଲମାନ । ଯମାତ୍‌କୁ ଏହା ଉଚିତ ଯେ, ନିଜର ତବ୍‌ଲିଗ୍‌କୁ ଆଉ ଅଧିକା ଜୋର୍ ଲଗାଇ ସାରା ଦୁନିଆରେ ପ୍ରସାର କରୁ ଯଦ୍ୱାରା ମୋ ପରି ଅବୋଧ ଲୋକମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକତା ଜଣାପଡୁ । ଖଲିଫତୁଲ୍ ମସିହଙ୍କର ଗୋଟିଏ ଆବାଜ୍‌ରେ ଉଠିବା ଓ ବସିବା ଓ ଗୋଟିଏ ଇସାରାରେ ନିରବ ହୋଇଯିବା ଏପରି ଏକ ଦୃଷ୍ଟାନ୍ତ ସାମନାକୁ ନେଇ ଆସିଲା ଯାହାକୁ ମୁଁ ବୋଧ ହୁଏ ହଜାର ହଜାର ସାଂସାରିକ ଜଲ୍‌ସା ଗୁଡ଼ିକରେ ଯୋଗ ଦେଇ ମଧ୍ୟ ଦେଖିପାରିନାହିଁ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ମୁଁ ଅନେକ ପ୍ରଶ୍ନ ଚିନ୍ତା କରିଥିଲି କିନ୍ତୁ ସାକ୍ଷାତ କରିବା ସମୟରେ ପ୍ରଭାବ ଏପରି ପଡ଼ିଲା ଯେ ମୁଁ କିଛି କହିପାରିଲି ନାହିଁ । ଖଲିଫାଙ୍କ ରୋବ୍ ଓ ମହିମା ପ୍ରକୃତରେ ଦୁନିଆରୁ ଅଲଗା ।

ଅଜର୍‌ବାଇଜାନ୍‌ର ଏହି ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୧:୫୨ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କଲେ ।

**କୋରସିଆ ଏବଂ ସ୍ଲୋଭାନିଆ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ପ୍ରୋଗ୍ରାମ ମୁତାବକ କୋରସିଆ ଏବଂ ସ୍ଲୋଭାନିଆ ଦେଶରୁ ଆସଥିବା ପ୍ରତିନିଧିମଣ୍ଡଳର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । କୋରସିଆ ଏବଂ ସ୍ଲୋଭାନିଆ ଦେଶରୁ ୧୧ଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଆସିଥିଲା

ସ୍ଲୋଭାନିଆ ଦେଶରୁ ଆସିଥିବା ଜଣେ ମହିଳା କହିଲେ ଯେ, ସେ ମାନବାଧିକାର ଫିଲ୍ଡରେ କାମ କରୁଛନ୍ତି । ସେ ଜଲ୍‌ସାର ସୁନ୍ଦର ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହୋଇଛନ୍ତି । ପ୍ରତ୍ୟେକ କାର୍ଯ୍ୟ ସୁବ୍ୟବସ୍ଥିତ ଢ଼ଙ୍ଗରେ ସମ୍ପାଦନ ହେଉଥିଲା ।

କୋରସିଆରୁ ଆସିଥିବା ଜଣେ କୋରସିଆନ୍ ମହିଳା କହିଲେ ଯେ, ସେ ଏଗ୍ରିକଲ୍‌ଚର ଫିଲ୍ଡରେ ଅଛନ୍ତି ଓ ବର୍ତମାନ ସେ ଗୋଟିଏ ଡ଼େରି ପ୍ରୋଜେକ୍ଟରେ କାମ କରୁଛନ୍ତି । ସେ ଜଲ୍‌ସାରେ ପ୍ରଥମଥର ଆସିଛନ୍ତି ଏବଂ ସମସ୍ତ ବ୍ୟବସ୍ଥାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ ଯେ, ଏତେ ସଂଖ୍ୟକ ଲୋକଙ୍କ କଥା ବୁଝିବାକୁ ସ୍ୱେଚ୍ଛାସେବୀ କର୍ମୀମାନେ ହିଁ ଅଛନ୍ତି । ଏକଥା ମତେ ବହୁତ ଆଶ୍ଚର୍ଯ୍ୟ କରିଥିଲା ।

କୋରସିଆରୁ ଆସିଥିବା ଜଣେ ଅତିଥି କହିଲେ ଯେ, ତାଙ୍କର ସମ୍ବନ୍ଧ ବୋସ୍‌ନିଆ ଦେଶ ସହିତ ରହିଛି ଓ ସେ କୋରସିଆରେ ରହୁଛନ୍ତି ଓ ଜଣେ ଫଟୋଗ୍ରାଫର । ଏଠିକାର ବ୍ୟବସ୍ଥା ଦେଖି ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଛି । ଜଲ୍‌ସାର ସମସ୍ତ ବ୍ୟବସ୍ଥା ବହୁତ ସୁନ୍ଦରଭାବେ ଅର୍ଗାନାଇଜ୍ କରାଯାଇଥିଲା । ଆପଣମାନେ ବହୁତ ଛୋଟ ବୟସରୁ ହିଁ ନିଜ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ଯଦ୍ୱାରା ସେମାନେ ବଡ଼ ହୋଇ କାମ ସମ୍ଭାଳି ପାରିବେ ।

କୋରସିଆରୁ ଆସିଥିବା ଆଉ ଜଣେ ପାଦ୍ରୀ ୱର୍‌ଦାନ୍ ଉବୁଚିନା ସାହେବ ମଧ୍ୟ ଏହି ୱଫଦ୍‌ରେ ସାମିଲ ଥିଲେ, ସେ ମହାଶୟ କହିଲେ ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ ଓ ଖୁସିର କଥା ଯେ, ମୁଁ ଜଲ୍‌ସା ସାଲାନା ଜର୍ମାନୀ ୨୦୧୯ରେ ସାମିଲ ହୋଇପାରିଲି । ଉତମ ବ୍ୟବସ୍ଥା ଏବଂ ବିଭିନ୍ନ ଉତମ ଚରିତ୍ର ସମ୍ପନ୍ନ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବା ବ୍ୟତିତ ମୋର ନିଜସ୍ୱ ବିଶ୍ୱାସ ହେଉଛି ଏହା କି ଯମାତ୍ ଅହମଦୀୟା ଆଜିର ଦୁନିଆ ପାଇଁ ହେଉଛି ଗୋଟିଏ ଶାନ୍ତି ଓ ଆଶାର ଆଲୋକ ଯାହା ଆମକୁ ଦୁଃଖ ଓ କଷ୍ଟରୁ ଉଦ୍ଧାର କରିପାରିବ ।

ଜଣେ ଇସାଇ ପାଦ୍ରୀ ହିସାବରେ ମୋର ଏ ଦୃଢ଼ ବିଶ୍ୱାସ ରହିଛି ଯେ, ମୁସଲମାନ ଏବଂ ଇସାଇ ଦୁଇଟି ଯାକ ଧର୍ମରେ ଏହି ଶିକ୍ଷା ସମାନ ଅଛି ଯେ, ଈଶ୍ୱର ହେଉଛନ୍ତି ଏକ ରହ୍‌ମାନ୍ ଏବଂ ରହିମ୍ ଯାହା ଆମ ପାଇଁ ଆପୋଷରେ ସୁସମ୍ପର୍କ ଏବଂ ଭାଇଚାରାର ଜୀବନ ବିତାଇବାପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମୁଳଦୁଆ ଅଟେ ଓ ଯାହା ସହିତ ଆମର ନଜାତ୍ (ମୋକ୍ଷ) ଜଡ଼ିତ ରହିଛି । ମତେ ଆଜି ଏକଥା ଜଲ୍‌ସାରେ ଅନୁଭବ ହେଲା ଓ ମୁଁ ଇନ୍‌ଶଅଲ୍ଲାଃ ଏହି ଜଲ୍‌ସାକୁ ନିଶ୍ଚିତରୂପେ ପୁର୍ନବାର ଆସିବି ।

କୋରସିଆ ଏବଂ ସ୍ଲୋଭାନିଆ ଦେଶର ୱଫଦ୍‌ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୨:୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ୨:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଆସି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ।

**ଏଲାନେ ନିକାହ୍ (ନିକାହ ର ଘୋଷଣା)**

ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ୩୮ ଟି ନିକାହ୍‌ର ଘୋଷଣା କଲେ । ହଜୁର ଅନଓ୍ୱର ଅ:ବ:ଅ ଖୁତ୍‌ବା ନିକାହ୍‌ର ମସ୍‌ନୁନ୍ ଆୟାତ ଆବୃତି କରିବାପରେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

କହିଲେ:

"ବର୍ତ୍ତମାନ ମୁଁ ନିକାହ ଗୁଡ଼ିକର ଘୋଷଣା କରିବି ବହୁତ ଲମ୍ବା ସୁଚୀ ରହିଛି ମୋଟ ୩୮ ଟି ନିକାହ୍ ଅଛି । ମୋଠାରୁ ନିକାହ୍ ପଢ଼ାଇବା ପାଇଁ ଯେଉଁଭଳି ସୌକର ସହିତ ଦରଖାସ୍ତ କରୁଛନ୍ତି ସେହିଭଳି ସୌକ୍‌ରେ ନିଜର ନିକାହ୍ ଓ ବିବାହଗୁଡ଼ିକୁ ନିର୍ବାହ ମଧ୍ୟ କରନ୍ତୁ । ବହୁତ ଲୋକ ମୋଜରିଆରେ ନିକାହ୍ ପଢ଼ାଇ ଦେଉଛନ୍ତି ଓ କିଛିଦିନ ପରେ ଜଣାପଡୁଛି ଯେ, ସମସ୍ୟା ସୃଷ୍ଟି ହୋଇଗଲାଣି ତେଣୁ ଏ ଦୁଆ କରନ୍ତୁ ଯେ, ଯେଉଁମାନେ ଆପୋଷରେ ବନ୍ଧୁ ସ୍ଥାପନ କରୁଛନ୍ତି ସେହି ବନ୍ଧୁତ୍ୱ କାଏମ୍ ରହୁ, ଧୈର୍ଯ୍ୟ ସୃଷ୍ଟି ହେଉ ଓ ଜଣେ ଅନ୍ୟଜଣକର ଖିଆଲ୍ ରଖନ୍ତୁ ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ସୌଭାଗ୍ୟ ପ୍ରଦାନ କରନ୍ତୁ" । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ନିକାହ ଗୁଡ଼ିକର ଘୋଷଣା କଲେ ।

ଅଜିଜା ନଓ୍ୱାଲ୍ ମଲକ୍ ସୁପୁତ୍ରୀ ମୋକରମ୍ ମୁହ୍‌ସିନ୍ ମଲକ ସାହେବ (କୀଲ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଓ୍ୱଲିଦ୍ ଅହ୍‌ମଦ୍ (ମୁରବୀ ସିଲ୍‌ସିଲା ଯମାତ୍ ଅହେମଦୀୟା ଜର୍ମାନୀ) ସୁପୁତ୍ର ରଶିଦ୍ ଅହ୍‌ମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ନଏଲାଃ ମୁହମ୍ମଦ ସୁପୁତ୍ରୀ ମୋକରମ୍ ଶାହିଦ୍ ମହ୍‌ମୁଦ୍ ସାହେବ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଉମର୍ ରଶିଦ୍ ମଲକ୍ (ମୁରବୀ ସିଲ୍‌ସିଲା ଜର୍ମାନୀ) ସୁପୁତ୍ର ମୋକରମ୍ ଓ୍ୱହିଦ୍ ଅହ୍‌ମଦ୍ ମଲକ୍ ସାହେବଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ରାଫେ ଚୌଧୁରୀ ସୁପୁତ୍ରୀ ମୋକରମ୍ ଗୁଲ୍‌ଜାର୍ ଖୋଖର୍ ସାହେବ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଶମ୍‌ସୁଲ୍ ମୁଲ୍‌କ ଚୌଧୁରୀ (ଯାମିୟା ଅହେମଦୀୟା ଜର୍ମାନୀର ଛାତ୍ର) ସୁପୁତ୍ର ମୋକରମ୍ ଜହୀରୁଲ୍ ମୁଲକ୍ ଚୌଧୁରୀ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ସୌବିୟା ଇକ୍‌ବାଲ୍ ମଲକ୍ (ଓ୍ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଜଫର୍ ଇକ୍‌ବାଲ୍ ମଲକ୍ ସାହେବ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅତାଉଲ୍ କରୀମ୍ ଅନ୍‌ସର୍ (ଯାମିୟା ଅହେମଦୀୟା ଜର୍ମାନୀର ଛାତ୍ର) ସୁପୁତ୍ର ମୋକରମ୍ ଚୌଧୁରୀ ସଇଦ୍ ଅନ୍‌ସର୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ରିଜ୍‌ଓ୍ୱାନା ତାହେର୍ (ଓ୍ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ତାହେର୍ ମୁହମ୍ମଦ୍ ଆବିଦ୍ ସାହେବ ମୁବଲ୍ଲିଗ୍ ଇନ୍‌ଚାର୍ଜ ଗିନି କନାକରିଙ୍କ ନିକାହ ଅଜିଜମ୍ ଶର୍‌ଜିଲ୍ ଖାଲିଦ୍ (ଯାମିୟା ଅହେମଦୀୟା ଜର୍ମାନୀର ଛାତ୍ର) ସୁପୁତ୍ର ମୋକରମ୍ ହାଫିଜ୍ ଫରୀଦ୍ ଅହେମଦ୍ ଖାଲିଦ୍ ସାହେବଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜାଃ ନର୍‌ତାବ୍ ଅହମଦ୍ ସୁପୁତ୍ରୀ ମୋକରମ ମହମୁଦ୍ ଅହ୍‌ମଦ୍ ସାହେବ (ଅଫ୍ ଫଏସଲାବାଦ, ପାକିସ୍ତାନ)ଙ୍କ ନିକାହ ଅଜିଜମ୍ ହାଫିଜ୍ ଅତାଉଲ୍ କାଫି (ଯାମିୟା ଅହେମଦୀୟା ରବଓ୍ୱାର ଛାତ୍ର) ସୁପୁତ୍ର ମୋକରମ୍ ରଶିଦ୍ ଅହ୍‌ମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜାଃ ଇଶ୍‌ନା ମିଶ୍‌ଆଲ୍ ସୁପୁତ୍ରୀ ମୋକରମ୍ ଅବାସ୍ ଅହ୍‌ମଦ୍ ସାହେବ (ହନାଉ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଜଲିଦ୍ ତବ୍‌ସସୁମ୍ ସୁପୁତ୍ର ମୋକରମ୍ ଫରିଦ୍ ବେସ୍‌ସୁମ୍ ସାହେବ ପୂର୍ବତନ ମୁରବୀ ସିଲ୍‌ସିଲା (ଫରିଦ୍ ବର୍ଗ, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ହାନିୟା ତହ୍‌ମିନାଃ କୈସର୍ ସୁପୁତ୍ରୀ ମୋକରମ୍ ଯମାହ୍ ଅହେମଦ୍ କୈସର୍ ସାହେବ (ହୈଜନ୍‌ଷ୍ଟିମ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଆକିବ୍ ମେହମୁଦ୍ ଆସିବ ସୁପୁତ୍ର ମୋକରମ୍ ଆସିଫ୍ ମେହମୁଦ୍ ସାହେବ(ଓଫନ୍‌ବାଖ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ହନ୍ନାନ ନାସିର୍ ସୁପୁତ୍ରୀ ମୋକରମ୍ ଜାଓ୍ୱେଦ୍ ଇକ୍‌ବାଲ୍ ସାହେବ (କୋଲୋନ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ନୋମାନ୍ ନାସିର୍ ଓ୍ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁହମ୍ମଦ୍ ସାଦିକ୍ ନାସିର ସାହେବ(ଇଜର୍‌ଲୋନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଖନ୍‌ସାଆ ନଓ୍ୱିଦ (ଓ୍ୱାକିଫିଏ ନୌ) ସୁପୁତ୍ରୀ ମୋକରମ୍ ଇକ୍‌ବାଲ୍ ନଓ୍ୱିଦ୍ ସାହେବ (ମାର୍‌ବୁର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ରଜାକ୍ ଅହ୍‌ମଦ୍ ତାରିକ୍ (ଓ୍ୱାକିଫେ ନୌ) ସୁପୁତ୍ର ମୋକରମ୍ ମହମୁଦ୍ ଅହ୍‌ମଦ୍ ତାରିକ୍ ସାହେବ (ରିଡ୍‌ଶ୍ଟେଡ୍ ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ନୟରା ନସ୍‌ରିନ୍ ଅବ୍‌ରାର୍ ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ଅବ୍‌ରାର୍ ମୁବଶିର୍ ଅହ୍‌ମଦ୍ ସାହେବ (ଫରିଦ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଆମୀର୍ ମେହ୍‌ମୁଦ୍ (ଓ୍ୱକ୍‌ଫେ ନୌ) ସୁପୁତ୍ର ମୋକରମ୍ ଶାହିଦ୍ ମେହ୍‌ମୁଦ୍ ସାହେବ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ହିବତୁର୍ ରହ୍‌ମାନ୍ ସୁପୁତ୍ରୀ ମୋକରମ୍ ଅବ୍‌ଦୁର୍ ରହ୍‌ମାନ୍ ସାହେବ (ନୈଏଫାରାନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ହସ୍‌ସାନ୍ ଅହ୍‌ମଦ୍ ଖାନ୍ ସୁପୁତ୍ର ମୋକରମ୍ ଆସିଫ୍ ଖାନ୍ ସାହେବ (ବିଟକ୍‌ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜମ୍ ଅନ୍‌ଅମ୍ ବେଗ୍ ସୁପୁତ୍ରୀ ମୋକରମ୍ ତାରିକ୍ ଜହିର୍ ବେଗ୍ ସାହେବ ମର୍‌ହୁମ୍ (ଲିମ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ନଓ୍ୱିଦ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ହାମିଦ୍ ସୁଲ୍‌ତାନ୍ ଅହ୍‌ମଦ୍ ସାହେବ (ଜଲଙ୍ଗନଶ୍ଟାତ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ଦୁର୍‌ଦାନା ଅସ୍‌ଲମ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଅସ୍‌ଲମ୍ ସାହେବ (ନାର୍‌ଓ୍ୱାଲ୍, ପାକିସ୍ତାନ)ଙ୍କ ନିକାହ ଅଜିଜମ୍ ଅୟାଜ୍ ଅହ୍‌ମଦ୍ ତୋଗର୍ (ଯାମିଆ ଅହେମଦୀୟା ଘାନାର ଛାତ୍ର) ସୁପୁତ୍ର ମୋକରମ୍ ରିୟାଜ୍ ଅହ୍‌ମଦ୍ ତୋଗର୍ ସାହେବ ମୁରବୀ ସିଲ୍‌ସିଲା ତନ୍‌ଜାନିଆଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ନାଦିଆ ଚିମା ସୁପୁତ୍ରୀ ମୋକରମ୍ ନାସିର୍ ମେହ୍‌ମୁଦ୍ ଚିମା ସାହେବ ମର୍‌ହୁମ୍ (ଲେଓଡ଼ନ୍ ଶାଇଡ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅବ୍‌ରାର୍ ଅହ୍‌ମଦ୍ ଗୋନ୍ଦଲ୍ ସୁପୁତ୍ର ମୋକରମ୍ ମୁବଶିର୍ ଅହ୍‌ମଦ୍ ଗୋନ୍ଦଲ୍ ସାହେବ (ମ୍ୟୁନିଖ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ନାୟାବ୍ ମଲକ ସୁପୁତ୍ରୀ ମୋକରମ୍ ମୁହ୍‌ସିନ୍ ମଲକ୍ ସାହେବ (କୀଲ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ମଲକ୍ ରଫାକତ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ମଲକ୍ ସାଦତ୍ ଅହ୍‌ମଦ୍ ସାହେବ (ବୋନଙ୍ଗ୍‌ଶ୍ଟେଷ୍ଟ, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ଲୁବ୍‌ନା ମୁବଶିର୍ ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ମଲକ୍ ମୁବଶିର୍ ଅହ୍‌ମଦ୍ ସାହେବ (ଆଉଗସ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ ମଲକ୍ ମନ୍‌ସୁର୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ନାଦ୍ଦିର୍ ହୁସୈନ୍ ମଲକ୍ ସାହେବ (ଆଫ୍ ଲଣ୍ଡନ, ୟୁ.କେ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଅଜ୍‌କା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ନାସିର୍ ଅହ୍‌ମଦ୍ ସାହେବ (ମାକ୍ସତୋର୍‌ଫ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅନ୍‌ସାଫ୍ ନଓ୍ୱିଦ୍ ଆଜମ୍ ସୁପୁତ୍ର ମୋକରମ୍ ଚୌଧୁରୀ ମନଓ୍ୱର ଅହ୍‌ମଦ୍ ସାହେବ (ହାନାଓ, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ମର୍‌ଓ୍ୱା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ବାସିତ୍ କରିମ୍ ସାହେବ (ଫ୍ରାଙ୍କଫର୍ଟ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ସାରିମ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ତାହେର୍ ଅହ୍‌ମଦ୍ ସାହେବ (ଫ୍ରାଙ୍କଫର୍ଟ, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ହାଲା ଆରିଫ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଆରିଫ୍ ସାହେବ ଫ୍ୱାଦତୁର୍କହାଏମ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅବ୍‌ରାର୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ଗୁଲାମ୍ ରସୁଲ୍ ସାହେବ (ବାଦ୍‌ଦୁର୍କ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ତୟବାଃ ମଲକ୍ ସୁପୁତ୍ରୀ ମୋକରମ୍ ମଲକ୍ ଅବ୍‌ରାରୁଲ୍ ହକ୍ ସାହେବ (ଓ୍ୱାଟରଶ୍ଟେଡ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ହସ୍‌ସାନ୍ ଅହ୍‌ମଦ୍ ସୁଲେମାନ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ଇସ୍‌ହାକ୍ ସୁଲେମାନ୍ ସାହେବ(ଗ୍ରେସ୍ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଇରମ୍ ଖାନ୍ (ଓ୍ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଆମୀର୍ ହମିଦ୍ ଖାନ୍ ସାହେବ (ବାଦ୍‌କ୍ରୋଏସ୍‌ନାଖ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ସାଏମ୍ ଅହ୍‌ମଦ୍ ଖାନ୍ ସୁପୁତ୍ର ମୋକରମ୍ ଅବ୍‌ଦୁଲ୍ ମଜିଦ୍ ଖାନ୍ ସାହେବ (ଅଏଶ୍‌ବୋରନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ବାସ୍‌ମା ଅହ୍‌ମଦ୍ ସୁପୁତ୍ରୀ ମୋକରମ ସିଦ୍ଦିକ୍ ଅହ୍‌ମଦ୍ ତୋଗର୍ ସାହେବ (ଆଖନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅର୍‌ସଲାନ୍ ଅର୍‌ଶଦ୍ ସୁପୁତ୍ର ମୋକରମ୍ ଅର୍‌ଶଦ୍ ମହ୍‌ମୁଦ୍ ସାହେବ (କୋଲନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ତ୍ୱାଲିହା ମେହ୍‌ମୁଦ୍ (ଓ୍ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ତାରିକ୍ ମହ୍‌ମୁଦ୍ ସାହେବ ମର୍‌ହୁମ୍ (ଲାହର୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅବ୍‌ଦୁର୍ ରହିମ୍ ରଶିଦ୍ ସୁପୁତ୍ର ମୋକରମ୍ ଅବ୍‌ଦୁର୍ ରଶିଦ୍ ସାହେବ (ବୁଖ୍ ହୋଲଜ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ଲବିବା ରଫିକ୍ ଅହ୍‌ମଦ୍

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

(ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ରାଣା ରଫିକ୍ ଅହ୍ମଦ୍ ସାହେବ (ଲାଙ୍ଗନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ ମୁନୀବ୍ ଅହ୍ମଦ୍ ସୁପୁତ୍ର ମୋକରମ ନଜିର୍ ଅହ୍ମଦ୍ ସାହେବ (ବର୍ଗଶ୍ ଗ୍ଲଡ୍ବାଖ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ତାବନ୍ଦା ଅହ୍ମଦ୍ ସୁପୁତ୍ରୀ ମୋକରମ୍ ଅଜିଜ୍ ଅହ୍ମ୍ଦ ସାହେବ (ରେଡ୍ଶ୍ଚେଡ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଆତିଫ୍ ଅଶ୍ରଫ୍ ସୁପୁତ୍ର ମୋକରମ୍ ଅଶ୍ରଫ୍ ଅଲୀ ସାହେବ (ରେଡ୍ଶ୍ଟାର୍ଡ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ହୀରା ରୋଧି ଖାଲିଦ୍ ସୁପୁତ୍ରୀ ମୋକରମ ମହ୍ମୁଦ୍ ଲୋଧି ଖାଲିଦ୍ ସାହେବ (ରୁସ୍ସଲ୍ଜ୍ହାଏମ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ମୁହମ୍ମଦ୍ ନାସିର୍ ଇକ୍ବାଲ୍ ସୁପୁତ୍ର ମୋକରମ୍ ଇକ୍ବାଲ୍ ସାହେବ (କୋଏଟନ୍ ଇନ୍ହାଲିଟ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ସିମାବ୍ ଖାଲିଦ୍ ଫାରୁକ୍ ସୁପୁତ୍ରୀ ମୋକରମ୍ ଖାଲିଦ୍ ମହ୍ମୁଦ୍ ଫାରୁକ୍ ସାହେବ ମର୍ହୁମ୍ (ଅଫ୍ ଫଏସଲାବାଦ୍, ପାକିସ୍ତାନ)ଙ୍କ ନିକାହ ଅଜିଜମ୍ ଅତ୍ହର୍ ମକ୍ସୁଦ୍ (ଯାମିଆ ଅହେମଦୀୟା ରବୱାର ଛାତ୍ର) ସୁପୁତ୍ର ମୋକରମ୍ ମୁହମ୍ମଦ ମକ୍ସୁଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ତହ୍ରିମ୍ ଅହ୍ମଦ୍ ସୁପୁତ୍ରୀ ମୋକରମ୍ ନାସିର୍ ଅହ୍ମଦ୍ ସାହେବ (ଓଲ୍ଡ୍ନବୁର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଉଦୈର୍ ଅହେମଦ୍ ତାହେର୍ ସୁପୁତ୍ର ମୋକରମ ବଶିର୍ ଅହେମଦ୍ ତାହେର୍ ସାହେବ (ଫେରନ୍ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ରିମ୍ଶା ଅହ୍ମଦ୍ ସୁପୁତ୍ରୀ ମୋକରମ୍ ରଫିକ୍ ଅହ୍ମଦ୍ ସାହେବ (ଓବର୍ଡ଼ିଙ୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ମୁହମ୍ମଦ୍ ଏହ୍ସାନ୍ ୟାକୁବ୍ (ୱକ୍ଫେ ନୌ) ସୁପୁତ୍ର ମୋକରମ୍ ମୁହମ୍ମଦ ୟାକୁବ୍ ସାହେବ (ଉଫନ୍ ବାଖ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ହିନା ଅହେମଦ୍ ସୁପୁତ୍ରୀ ମୋକରମ୍ ଯମିଲ୍ ଅହ୍ମଦ୍ ସାହେବ (ୱିଜ୍ବାଡ଼ିନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ ମନ୍ସୁର୍ ଅହ୍ମଦ୍ ବାଦୁୱା ସୁପୁତ୍ର ମୋକରମ୍ ମଜିଜ୍ ଅହ୍ମଦ୍ ବାଜୁୱା ସାହେବ (ଡ଼େଟ୍ସନ୍ବାଖ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ତହ୍ମିନା ଅସ୍ଲମ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ ଅସ୍ଲମ୍ ସାହେବ (ୱାବରନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ କାସିଦ୍ ଅହ୍ମଦ୍ ତାହେର୍ (ୱକ୍ଫେ ନୌ) ସୁପୁତ୍ର ମୋକରମ୍ ମୁବଶିର୍ ଅହ୍ମଦ୍ ତାହେର୍ ସାହେବ (କୋବଲ୍ନ୍ଜ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଅଫ୍ଶା ଜହୀର୍ ସୁପୁତ୍ରୀ ମୋକରମ୍ ଜହିର୍ ଅହ୍ମଦ୍ ସାହେବ ମର୍ହୁମ୍ (କୋବଲ୍ନ୍ଜ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ୱଜାହତ୍ ଅହ୍ମଦ୍ ଖାନ୍ (ୱକ୍ଫେ ନୌ) ସୁପୁତ୍ର ମୋକରମ୍ ବିଶାରତ୍ ଅହ୍ମଦ୍ ଖାନ୍ (ହାନୁୱର୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ସୋସନ୍ ଅହ୍ମଦ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଅଜିଜ୍ ଅହେମଦ୍ ସାହେବ (ଫରିଦ୍ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ ମୁହମ୍ମଦ ଅନ୍ସର୍ ଖାନ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ଅହସନ୍ ଖାନ୍ ସାହେବ (ହାନୁୱର୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ରମ୍ଲା ରିୟାଜ୍ ସୁପୁତ୍ରୀ ମୋକରମ୍ ମୁନାର୍ ଅହ୍ମଦ୍ ରିୟାଜ୍ ସାହେବ (ହେମ୍ବର୍ଗ, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅୟାଜ୍ ମହ୍ମୁଦ୍ (ୱକ୍ଫେ ନୌ) ସୁପୁତ୍ର ମୋକରମ୍ ଫୟାଜ୍ ମହ୍ମୁଦ୍ ସାହେବ (ସିୱିକାଉ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ଲୈଲା ଦାଲିକି ଲିଚ୍ ସୁପୁତ୍ରୀ ମୋକରମ୍ କାସିମ୍ ଦାଲିକି ଲିଚ୍ ସାହେବ (ୱିଟ୍ଲିଶ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅନ୍ସର୍ ଅସ୍ଲମ୍ (ୱକ୍ଫେ ନୌ) ସୁପୁତ୍ର ମୋକରମ ନୱିଦ୍ ଅଜିଜ୍ ଅସ୍ଲମ୍ ସାହେବ (ୱିଜ୍ବାଦନ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜା ଇର୍ସା ନସିର୍ ସୁପୁତ୍ରୀ ମୋକରମ୍ ନସିର୍ ଅହ୍ମଦ୍ ଜାହିଦ୍ ସାହେବ (Crescent, UK)ଙ୍କ ନିକାହ ଅଜିଜମ୍ ଅଦିଲ୍ ବାସିମ୍ (ମୁରବୀ ସିଲ୍ସିଲା, ହଲାଣ୍ଡ) ସୁପୁତ୍ର ମୋକରମ୍ ଶକିଲ୍ ଅସ୍ଲମ୍ ସାହେବଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ସନା ଖଲିଲ୍ ଅହ୍ମଦ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଖଲିଲୁଦ୍ଦିନ୍ ଅହ୍ମଦ୍ ସାହେବ (ଫ୍ଲୋରସ୍ ହାଏମ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ତାହେର୍ ଅହ୍ମଦ୍ (ୱକ୍ଫେ ନୌ) ସୁପୁତ୍ର ମୋକରମ୍ ବେଶାରତ୍ ଅହମଦ୍ ସାହେବ (ପାଡ଼ର୍ ବୋରନ୍, ଜର୍ମାନୀ)ଙ୍କ ସହିତ ଅନୁଷ୍ଠିତ ହେଲା ।

ନିକାହ୍ ଗୁଡ଼ିକର ଘୋଷଣା କରିବାପରେ ହଜୁର ଅନୱର ଅ:ବ:ଅ ଦୁଆ କରାଇଲେ ତାହାପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ବୋସ୍ନିଆ ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ୫:୪୦ ମିନିଟରେ ହଜୁର ଅନୱର ଅ:ବ:ଅ ମସ୍ଜିଦ୍ରେ ଥିବା ପୁରୁଷମାନଙ୍କ ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ବୋସ୍ନିଆ ଦେଶରୁ ଆସିଥିବା ୱଫଦ୍ ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବୋସ୍ନିଆରୁ ଏ ବର୍ଷ ଅଲ୍ଲାଃଙ୍କ କୃପାରୁ ଗୋଟିଏ ସ୍ପେଶାଲ୍ ବସ୍ ଓ ଉଡ଼ାଜାହାଜ ମାଧ୍ୟମରେ ମୋଟ ୭୪ ଜଣ ସଦସ୍ୟ ବିଶିଷ୍ଟ ୱଫଦ୍ ଜଲ୍ସାରେ ସାମିଲ ହୋଇଥିଲା ।

ଜଣେ ଅତିଥି କହିଲେ ଯେ, ବୋସ୍ନିଆ ଏବଂ କୋସୋଭୋ ଦେଶର ଲୋକମାନଙ୍କ ଉପରେ ବହୁତ ଅତ୍ୟାଚାର ହୋଇଛି । ସେମାନଙ୍କର ବଂଶ ନିପାତ କରାଯାଇଛି । ଜୁଲାଇ ୧୧ ଦିନ ତାହାର ସ୍ମୃତିରେ ଆମେ ଦିନ ପାଳନ କରୁଅଛୁ ଏବଂ ମୁସଲମାନମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଛନ୍ତି । ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ମୁସଲମାନମାନେ ଏକାଠି ହୋଇ ଭଙ୍ଗାରୁଜା ଏବଂ ଆକ୍ରମଣ କରିବା ଦ୍ୱାରା କିଛି ହେବ ନାହିଁ । ଜଣେ ଭଲ ଲିଡ଼ର ମିଳିଯାଉ ଯିଏ ସମସ୍ତଙ୍କୁ ଏକତ୍ରିତ କରୁଥିବ ତା'ପରେ ପୁଣି ଆପଣମାନେ ସଫଳ ହେବେ ।

ହଜୁର ଅନୱର ଅ:ବ:ଅ କହିଲେ, ଏହା ବତାନ୍ତୁ ଯେ, କଣ ଆପଣଙ୍କୁ ଭବିଷ୍ୟତରେ କୌଣସି ଲିଡ଼ର୍ ଦେଖାଯାଉଅଛି ? ଏଥିରେ ଲୋକମାନେ କହିଲେ ଯେ, ଜଣେ ମୁଫ୍ତି ସାହେବ ଅଛନ୍ତି । ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ଯିଏ ବି ଥାଆନ୍ତୁ ନା କାହିଁକି ଅଲ୍ଲାଃ କରନ୍ତୁ ଯେ ସେ ଭଲ କାମ କରନ୍ତୁ । ବୁଦ୍ଧିମତାର ସହିତ କାମ କରିବାକୁ ହେବ ।

ହଜୁର ଅନୱର ଅ:ବ:ଅ କହିଲେ ଯେଉଁ ଆଜାଇଲମ୍ (ଶରଣାର୍ଥୀ)ମାନେ ୟୁରୋପୀୟ ଦେଶଗୁଡ଼ିକୁ ଆସୁଛନ୍ତି ଗୋଟିଏ ସମୟ ଥିଲା ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କୁ ନିଜ ଦେଶରେ କାମ କରିବାପାଇଁ ମଗାଉଥିଲେ ତେଣୁ ଆସୁଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ପରିଶ୍ରମି ଏବେ ଏଠାରେ ସେମାନଙ୍କର ଭବିଷ୍ୟତ ଅଛି । ସେମାନେ ନିଜ ଧର୍ମ ଉପରେ ରହି ଏଠାରେ ଇଂଟିଗ୍ରେଟ ହେବାପାଇଁ ଚେଷ୍ଟା କରନ୍ତୁ ।

Boris Livanchich ସାହେବ ହେଉଛନ୍ତି ଜଣେ କ୍ୟାଥୋଲିକ୍ ଇସାଇ ସେ ସପରିବାର ଜଲ୍ସାରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ମୁଁ ବିଶ୍ୱବ୍ୟାପି ଅହେମଦୀୟା ଯମାତ୍ ପାଇଁ ହୃଦୟର ଗଭୀରତମ ପ୍ରଦେଶରୁ ଶୁଭକାମନା ପ୍ରକାଶ କରୁଅଛି । ନିଜ ତରଫରୁ ଓ ନିଜ ପରିବାର ତରଫରୁ ଏହି ମହାନ୍ ଜଲ୍ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରୁଅଛୁ । ମୋ ଜୀବନରେ ଏହା ପ୍ରଥମ ଅବସର ଯେ, ମତେ ଏହିଭଳି ପ୍ରୋଗ୍ରାମରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳିଲା । ଏହି ଜଲ୍ସାର ସମସ୍ତ ଭାଷଣଗୁଡ଼ିକୁ ଯଥା ସମ୍ଭବ ଧ୍ୟାନ ଦେଇ ଶୁଣିବାକୁ ଚେଷ୍ଟା କରିଛି ଓ ବିଶେଷ ରୂପେ ଖଲିଫତୁଲ୍ ମସିହିଙ୍କ ମନଛୁଆଁ କଥା ଓ ତାଙ୍କର ଆକର୍ଷଣୀୟ ଆବାଜ ଓ ତାଙ୍କୁ ଦର୍ଶନ କରିବା ଦ୍ୱାରା ମନକୁ ଶାନ୍ତି ଓ ସନ୍ତୁଷ୍ଟିର କାରଣ ହେଲା ।

ସେ ମହାଶୟ ପୁଣି କହିଲେ ଯେ, ଜଲ୍ସାର ସମସ୍ତ ବ୍ୟବସ୍ଥା, ରହିବା ବ୍ୟବସ୍ଥା ଏବଂ ଯାତ୍ରୀଙ୍କ ଯାତାୟାତ କରିବାର ବିଭାଗ ଇତ୍ୟାଦିଙ୍କୁ ଦେଖି ମନଖୁସି ହୋଇଯାଉଛି ଯେ, କିଭଳି ଏତେମାତ୍ରାରେ କାର୍ଯ୍ୟ ଓ ଏତେବଡ଼ ବ୍ୟବସ୍ଥା ସୁଚାରୁରୂପେ ପରିଚାଳିତ ହେଉଥିଲା । ଏବେ ଆମେ ଆତ୍ମସନ୍ତୋଷ ଲାଭ କରି ପ୍ରେମ ଓ ଆଶାର କିରଣକୁ ସାଥିରେ ନେଇ ବୋସ୍ନିଆ ଫେରିଯାଉଅଛୁ ଯେ, ଭବିଷ୍ୟତରେ ମଧ୍ୟ ଏହି ସୁନ୍ଦର ଜଲ୍ସାରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳିବ ।

ଆଉ ଜଣେ ବନ୍ଧୁ କହିଲେ ଯେ,

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

ମସ୍ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ମୁଁ ଦ୍ୱିତୀୟଥର ପାଇଁ ଜଲ୍‌ସାରେ ସାମିଲ ହୋଇଅଛି । ହ୍ୟୁମାନିଟିଫାଷ୍ଟ ସହିତ ମିଶି ବହୁତ ଭଲଭାବେ କାମ ହେଉଅଛି ।

ଆଉ ଜଣେ ବନ୍ଧୁ ପଚାରିଲେ ଯେ, ବଲ୍‌କାନ୍ ଷ୍ଟେଟ୍‌ସରେ ମୁସଲମାନମାନଙ୍କର ଭବିଷ୍ୟତ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପରିଶ୍ରମ କରନ୍ତୁ ଏବଂ କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ କରନ୍ତୁ । ଉନ୍ନତି କରି ଆଗକୁ ବଢ଼ିବାପାଇଁ ଚେଷ୍ଟା କରନ୍ତୁ । ପବିତ୍ର କୋରାନ୍‌ର ଶିକ୍ଷା ଉପରେ ପରିଚାଳିତ ହୁଅନ୍ତୁ । ମୁସଲମାନମାନେ ଏହାକୁ ଭୁଲିଯାଇଛନ୍ତି । ପରିଶ୍ରମ ଏବଂ ଇମାନ୍‌ଦାରୀ ଦୁଇଟି ଜିନିଷ ଯଦି ସୃଷ୍ଟି ହୋଇଯିବ ତେବେ ପୁଣି ଉନ୍ନତି ହିଁ ଉନ୍ନତି ହେବ । ଯେଉଁ ମସିହି ଏବଂ ମେହେଦୀଙ୍କ ଆବିର୍ଭାବ ହେବାର ନବୀ କରିମ୍ ସ:ଆ:ସ ଖବର ଦେଇଥିଲେ ତାକୁ ମାନନ୍ତୁ ପୁଣି ଦେଖିବେ କିପରି ଉନ୍ନତି କରୁଛନ୍ତି । ଆମେ ତ ବୁଝାଉଛୁ ଓ ଚେଷ୍ଟା ମଧ୍ୟ କରୁଛୁ କିନ୍ତୁ ଆମ ନିକଟରେ କୌଣସି ହୁକୁମତ୍ ନାହିଁ ବା ସରକାର ତ ନାହିଁ କିନ୍ତୁ ଅନ୍ୟ ମୁସଲମାନମାନଙ୍କ ତୁଳନାରେ ଆମେ ଅର୍ଗାନାଇଜ୍‌ଡ ଏବଂ ଅନବରତ ଉନ୍ନତି କରିଚାଲିଛି ଓ ଆଗକୁ ବଢ଼ିଚାଲିଛି ।

ଫାରୁକ୍ ଦର୍‌ମେଜ୍ ସାହେବ ଯିଏ ହେଉଛନ୍ତି ଜଣେ ପବ୍ଲିକ୍ ପ୍ରସ୍ୟୁକ୍ୟୁଟର୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଏହା ମୋର ପ୍ରଥମ ଜଲ୍‌ସା ଥିଲା । ଜଲ୍‌ସାର ସମସ୍ତ ବ୍ୟବସ୍ଥା, ସାମିଲ ହୋଇଥିବା ଲୋକମାନେ ଏବଂ କର୍ମୀମାନଙ୍କର ନିଷ୍ଠା ମୋ ଉପରେ ଗଭୀର ସକାରାତ୍ମକ ପ୍ରଭାବ ପକାଇଲା ଯେ, ସାରା ଦୁନିଆରୁ ବହୁସଂଖ୍ୟାରେ ଲୋକମାନେ ଏଠାରେ ଏକତ୍ରିତ ହୋଇଥିଲେ । କିନ୍ତୁ ଗୋଟିଏ ମଧ୍ୟ ଅପ୍ରିତୀକର ଘଟଣା ଘଟିନାହିଁ । ଆପଣଙ୍କ ଯମାତ୍ ସମାଜର ଆଧ୍ୟାତ୍ମିକ ଉନ୍ନତି, ବିଶେଷରୂପେ ସାରା ଦୁନିଆର ମୁସଲମାନମାନଙ୍କର ଧାର୍ମିକ ପ୍ରଶିକ୍ଷଣ, ଜ୍ଞାନ, ବିଜ୍ଞାନମୂଳକ ଏବଂ ସଂସ୍କୃତିର ମାର୍ଗଦର୍ଶନ ଉପରେ କାମ କରୁଅଛି । ମୁଁ ଆପଣଙ୍କ ଯମାତକୁ ଏହି ମହାନ୍ ଜଲ୍‌ସାର ସଫଳତା ଯୋଗୁଁ ମନ ଭିତରୁ ଶୁଭେଚ୍ଛା ଜଣାଉଛି ଓ ଯମାତ୍‌ର ଉନ୍ନତି ପାଇଁ ପ୍ରାର୍ଥନା କରୁଅଛି ।

**Yasmin Spahich**

ଗୋଟିଏ ସ୍ଥାନିୟ ଏନ୍‌ଜିଓର ପ୍ରତିଷ୍ଠାତା ଏବଂ ସଭାପତି ଅଛନ୍ତି ଏବଂ ବୋସ୍‌ନିଆରେ ଯମାତ୍ ସହିତ ମିଶି ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ମୋ ପାଇଁ ଏହା ଗର୍ବ ଓ ଆନନ୍ଦର ବିଷୟ ଯେ, ମତେ ବିଗତ ତିନିବର୍ଷ ହେବ ଜଲ୍‌ସାରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳୁଅଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଏହା କି, ପ୍ରତ୍ୟେକ ବର୍ଷ ଖଲିଫତୁଲ୍ ମସିହିଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳୁଅଛି । ଖଲିଫତୁଲ୍ ମସିହିଙ୍କୁ ଦର୍ଶନ କରିବା ଏବଂ ତାଙ୍କ ସାନିଧ୍ୟ ପ୍ରାପ୍ତ କରିବା ହେଉଛି ଏକ ବିଶେଷ ଆଧ୍ୟାତ୍ମିକ ଅନୁଭୁତି ଏବଂ ଶାନ୍ତିପୂର୍ଣ୍ଣ ପରିବେଶରେ ବିତାଇଥିବା କିଛି କ୍ଷଣ ଜୀବନର ସୁନ୍ଦର ସ୍ମୃତି ରହିଛି । ଆପଣମାନଙ୍କର ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ସହିତ ପ୍ରେମ ଏବଂ ସେହି ପ୍ରେମର ପ୍ରଚାର ଆପଣମାନଙ୍କ ପ୍ରେମ ବାଂଟୁଥିବା ଶବ୍ଦରୁ ପ୍ରକାଶ ହେଉଅଛି । ପୁଣି ହଜ୍‌ରତ୍ ରସୁଲେ ଅକ୍‌ରମ୍ ସ:ଆ:ସଙ୍କ ପବିତ୍ର ଜିବନୀ ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ ଯେଉଁ ଉପଦେଶ ଦେଇଛନ୍ତି ତାହା ମନ ଭିତରେ ଅବତରଣ କରୁଥିଲା । ଏହି କାର୍ଯ୍ୟକୁ ଆଁ ହଜ୍‌ରତ୍ ସ:ଆ:ସ କରୁଥିଲେ । ମୁଁ ଖୁଦାତାଲାଙ୍କଠାରୁ ଦୁଆ କରୁଛି ଯେ, ଆସନ୍ତା ବର୍ଷର ଜଲ୍‌ସା ଏହାଠାରୁ ମଧ୍ୟ ଭଲ ହେଉ ଏବଂ ଏହି ଜଲ୍‌ସା ମୁସଲମାନମାନଙ୍କ ମଧ୍ୟରେ ଶକ୍ତି ଓ ଏକତା ସୃଷ୍ଟି କରିବାର କାରଣ ହେଉ ।

⌘⌘⌘⌘⌘⌘⌘⌘⌘⌘⌘

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

# M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❀ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❀ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❀ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❀ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❀ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❀ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❀ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❀ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❀ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

# ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❀ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❀ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❀ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❀ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❀ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❀ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❀ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❀ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❀ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 18 June 2020 Issue No. 25

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

## ଜର୍ଜିଆ ଦେଶରୁ ଆସିଥିବା ଓ୍ୱଫଦ୍ (ପ୍ରତିନିଧିମଣ୍ଡଳ)ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ଆଉ ଜଣେ ମହିଳା ଅତିଥି କହିଲେ ଯେ ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ ଲେଖିଛି । ମୁଁ ‘‘ଇସ୍‌ଲାମ୍‌ରେ ନାରୀର ସ୍ଥାନ’’ ବିଷୟ ଉପରେ ବହୁତ ଗବେଷଣା କରିଛି ଓ ମୁଁ ଅନେକ କନ୍‌ଫେରନ୍ସରେ ଯୋଗ ଦେଇଛି । ଏଠାରେ ତିନିଦିନ ମୋ ପାଇଁ ବହୁତ ପ୍ରଭାବଶାଳୀ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଗୁଡ଼ିକ ମୋ ଉପରେ ବହୁତ ପ୍ରଭାବ ପକାଇଛି । ମହିଳାମାନଙ୍କ ପଟେ ମଧ୍ୟ ସବୁ କିଛି ବ୍ୟବସ୍ଥା ଠିକ୍ ଥିଲା । ମୁଁ ବହୁତ ପ୍ରଶ୍ନ ପଚାରିଛି ସେହି ସବୁ ପ୍ରଶ୍ନର ଉତର ମତେ ଦିଆଗଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଆମ ଲିଟ୍‌ରେଚର ଗୁଡ଼ିକ ପଢ଼ନ୍ତୁ ୟୁକେରେ ଜଣେ ପ୍ରଫେସର ନିଜକୁ ଇସ୍‌ଲାମ୍ ଉପରେ authentic ଭାବୁଥିଲେ । ମୁଁ ତାଙ୍କୁ ପଚାରିଲି ଯେ କଣ ଆପଣ ଇସ୍‌ଲାମୀୟ ଶିକ୍ଷା ଆହୋରଣ କରିଛନ୍ତି ? କଣ ଆପଣ ‘‘ଇସ୍‌ଲାମି ଉସୁଲ୍ କି ଫିଲାସଫି’’ ପୁସ୍ତକ ପଢ଼ିଛନ୍ତି ? ସେ ଉତର ଦେଲେ କି ନା ମୁଁ ପଢ଼ିନାହିଁ । ଏଥିରେ ମୁଁ କହିଲି ଯେ ଆପଣଙ୍କୁ ଇସ୍‌ଲାମ୍ ବିଷୟରେ ସମ୍ପୁର୍ଣ୍ଣଜ୍ଞାନ ନାହିଁ । ଅତଏବ୍ କିଛି ଦିନ ପରେ ପୁର୍ନବାର ସେ ମହାଶୟ ସାକ୍ଷାତ କରି କହିଲେ ଯେ ମୁଁ ଇସ୍‌ଲାମ୍ ସନ୍ଦର୍ଭରେ ବହୁତ କିଛି ପଢ଼ିଲି । ଏବେ ମୁଁ ଇସ୍‌ଲାମ୍ ଉପରେ ଗୋଟିଏ Chapter ନୁହେଁ ବରଂ ପୁରା ଏକ ପୁସ୍ତକ ଲେଖିବି ଏବଂ କାଦିୟାନ୍ ଓ ରବୁଓ୍ୱା ମଧ୍ୟ ଯିବି । ଅତଏବ୍ ସେ Islam in British Empire ବିଷୟବସ୍ତୁ ଉପରେ ପୁସ୍ତକ ଲେଖିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ସେହି ମହିଳା ଅତିଥିଙ୍କୁ କହିଲେ ଯେ ଆପଣ ମଧ୍ୟ ଆମ ଯମାତ୍‌ର ଲିଟ୍‌ରେଚର ଗୁଡ଼ିକୁ ଗଭୀର ଅନୁଧ୍ୟାନ କରି ଅଧ୍ୟୟନ କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଆମ କାର୍ଯ୍ୟ ହେଉଛି ମିଶ୍‌ନାରୀ ଓ୍ୱାର୍କ । ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ଶେଷ ଯୁଗରେ ଜଣେ ରିଫର୍ମର ଜଣେ ମସୁଲେହ ମସିହ୍ ଓ ମେହେଦୀ ନାମରେ ଆବିର୍ଭାବ ହେବେ । ସୁତରାଂ ନବି କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଚଉଦ ସଦିରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ଆ:ସ କାଦିୟାନି କାଦିଆନ୍‌ଠାରେ ଆବିର୍ଭାବ ହେଲେ ଏବଂ ଇସ୍‌ଲାମୀୟ ଶିକ୍ଷାର ପୂର୍ନବିନ୍ୟାସ କଲେ ଏବଂ ସାରା ଦୁନିଆ ସମାନାରେ ଇସ୍‌ଲାମ୍‌ର ବାସ୍ତବିକ ଓ ସତ୍‌ଶିକ୍ଷାଗୁଡ଼ିକୁ ଉପସ୍ଥାପନ କଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ଏବେ ସାରା ଦୁନିଆରେ , ଜର୍ଜିଆରେ, ୟୁରୋପରେ, ଆଫ୍ରିକା, ଆମେରିକା, ଏସିୟା, ଅଷ୍ଟ୍ରିଆ, ଏବଂ ଉପଦ୍ୱିପପୁଞ୍ଜଗୁଡ଼ିକରେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରଚାର ପ୍ରସାର କରୁଅଛୁ । ଯାହା ଇଚ୍ଛା ସେ ଗ୍ରହଣ କରୁ ଓ ଯାହା ଇଛା ନ କରୁ । ଆମର ବାର୍ତା ଖୋଲାଖୋଲି ଭାବେ ପ୍ରକାଶ୍ୟ । ଯଦି କିଏ ଗ୍ରହଣ କରୁଛି ତେବେ ଠିକ୍ ଅଛି ଯଦି ନ କରୁଛି ତେବେ ମଧ୍ୟ ଆମେ ଜଣେ ମନୁଷ୍ୟ ହୋଇଥିବାରୁ ସ୍ୱାଗତ ଜଣାଉଛୁ, ତାଙ୍କର ଯେଉଁ ଧର୍ମ ହେଉ ପଛକେ ।

ପାଶ୍ଚାତ୍ୟ ଶିକ୍ଷା ଆହାରଣ କରୁଥିବା ଛାତ୍ରୀ Giga Gigauni ମଧ୍ୟ ଏହି ଓ୍ୱଫଦ୍‌ରେ ସାମିଲ ଥିଲେ । ସେ କହୁଛନ୍ତି: ଲୋକମାନେ ଏଠାରେ ବହୁତ ସହାନୁଭୁତିଶୀଳ ଥିଲେ । ସେଥି ସକାଶେ ମୁଁ ଏଠାରେ ଅଛି । ବୟତ ଉସ୍‌ବକୁ ମୁଁ ପ୍ରଦର୍ଶକ ହିସାବରେ ଦେଖୁଥିଲି । ମୁଁ ମୋର ଭାବକୁ ବ୍ୟକ୍ତ କରିବା ପାଇଁ କୌଣସି ଭାଷା ପାଉନାହିଁ । ଲୋକମାନଙ୍କର ଏଭଳି ଏଠାରେ ଏକତ୍ରୀତ ହେବା ଏକ ଚମତ୍କାର ଥିଲା ।

ଜର୍ଜିଆରୁ ଆସିଥିବା ଜଣେ ଅଣମୁସଲମାନ ଅତିଥି କହିଲେ , ମତେ ଏ ଦେଶରେ ଅନେକ ଲୋକଙ୍କ ସହିତ କଥା ହେବାର ସୁଯୋଗ ମିଳିଛି । ମୁଁ ବହୁତ ଖୁସି ଅଛି ଯେ, ମୋର ଏଠାରେ ବହୁତ ନୁଆ ବନ୍ଧୁ ହୋଇଗଲେ ।

ଆଉ ଜଣେ ଅତିଥି କହିଲେ ଯେ ମୁଁ ଜର୍ଜିଆରେ ଗୋଟିଏ ମୁସଲିମ୍ କମ୍ୟୁନିଟିର ସଦସ୍ୟ ଅଛି ଓ ସେଠାରେ ମୁଁ ହେଉଛି ଜଣେ ଇମାମ୍ । ଏଠିକାର ସବୁ ବ୍ୟବସ୍ଥା ବହୁତ ଭଲ ଥିଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ କୌଣସି ପୋଲିସ ନଥିଲେ । ଲୋକମାନେ ଭାବୁଛନ୍ତି ଯେ, ମୁସଲମାନମାନେ ଯେତେବେଳେ ବହୁସଂଖ୍ୟାରେ ଏକାଠି ହେଉଛନ୍ତି । ସେତେବେଳେ ସେମାନେ ଶାନ୍ତିରେ ଏକାଠି ବସି ପାରୁନାହାନ୍ତି । କିନ୍ତୁ ଏଠାରେ ୪୦ ହଜାର ଲୋକ ବହୁତ ଶାନ୍ତିପୂର୍ଣ୍ଣ ଶୈଳୀରେ ବସିଥିଲେ ।

ପୁଣି ସେ ମହାଶୟ କହିଲେ ଯେ, ଜଲ୍‌ସାର ସମସ୍ତ ବ୍ୟବସ୍ଥା ବହୁତ ଉଚ୍ଚ କୋଟୀର ଥିଲା । ବହୁତ ସୁନ୍ଦର ବ୍ୟବସ୍ଥା ଥିଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମର ମିଶନ ହେଉଛି ଏହା କି ସମସ୍ତେ ଭାଇ ଭାଇ ହୋଇ ରହିବୁ । ଶାନ୍ତି ଓ ସୌହାର୍ଦ୍ଧ୍ୟ ପାଇଁ ଆମେ ସର୍ବଦା ଚେଷ୍ଟିତ । ଅହେମଦୀୟା କମ୍ୟୁନିଟି ଏହି କାର୍ଯ୍ୟ ହିଁ କରୁଅଛି ।

ଆଉ ଜଣେ ମହିଳା ଓକିଲ ସାଲୋମ୍ ସାହିବା ମଧ୍ୟ ଜର୍ଜିଆର ଏହି ଓ୍ୱଫଦ୍‌ରେ ସାମିଲ ଥିଲେ, ସେ କହିଲେ ମତେ ବହୁତ ଖୁସି ଲାଗୁଛି କି, ଏହି ସମ୍ମିଳନୀରେ ବିଭିନ୍ନ ଦେଶରୁ ବକ୍ତାମାନେ ଆସିଥିଲେ ଓ ମତେ ଆହୁରି ମଧ୍ୟ ଖୁସି ଲାଗୁଛି ଯେ, ସେହି ବକ୍ତାମାନଙ୍କ ମଧ୍ୟରେ ଜର୍ଜିଆର ଜଣେ ରାଜନେତା ମଧ୍ୟ ଥିଲେ ଓ ସେ ଜର୍ଜିଆର ଦେଶର ପ୍ରତିନିଧି ଥିଲେ ।

ଆଉ ଜଣେ ମହିଳା ଅତିଥି କହିଲେ, ମୁଁ ଏବଂ ମୋର କିଛି ସାଥି ଖଲିଫତୁଲ୍ ମସିହିଲ୍ ଚତୁର୍ଥ ରହେମୁଲ୍ଲାଃଙ୍କ ପୁସ୍ତକ Islam’s response to Contemporary issues ର ଜର୍ଜିଆ ଭାଷାରେ ଅନୁବାଦ କରିବୁ ଓ ତା’ପରେ ଗୋଟିଏ ସମ୍ମିଳନୀ ଆୟୋଜନ କରି ଏ ପୁସ୍ତକ ବିଷୟରେ ପରିଚୟ ପ୍ରଦାନ କରିବୁ ଓ ଯମାତ୍ ଅହେମଦୀଆର ବିଶ୍ୱାସ ଓ ଶିକ୍ଷା ସମ୍ବନ୍ଧରେ ଆଲୋଚନା ଚକ୍ର କରାଇବୁ ।

ଆଉ ଜଣେ ମହିଳା Nana Kurdiani ସାହିବା କହିଲେ ମୁଁ ନା ତ ମୁସଲମାନ ନା ଖ୍ରୀଷ୍ଟିଆନ୍ କିନ୍ତୁ ଏହି ଜଲ୍‌ସାରେ ଯୋଗ ଦେବାପରେ ମୁଁ ନିଜକୁ ଇସ୍‌ଲାମ୍ ପ୍ରତି ଆକର୍ଷିତ ହେବାର ଦେଖୁଅଛି । ମୁଁ ଏହା ଚିନ୍ତା କରିବାପାଇଁ ବାଧ୍ୟ ହେଉଛି ଯେ, ମୁଁ ମୋ ଧର୍ମ ସମ୍ବନ୍ଧରେ କିଛି ନିଷ୍ପତି ନେବି ।

ଆଉ ଜଣେ ମହିଳା ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ପ୍ରସଙ୍ଗରେ କହିଲେ ମୁଁ ଏକଥାରେ ବିଶ୍ୱାସ ରଖିଛି ଯେ, ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ବୁଦ୍ଧିମାନ ଓ ଅତ୍ୟନ୍ତ ଦୂରଦ୍ରଷ୍ଟା ସମ୍ପନ୍ନ ବ୍ୟକ୍ତି ବିଶେଷ ଅଟନ୍ତି ଓ ତା ମୁତାବକ ହିଁ ସେ ପ୍ରସ୍ତୁତି ଚଳାଇଛନ୍ତି । ଗୋଟିଏ କଲ୍ୟାଣିକାରି କାର୍ଯ୍ୟାଳୟର ଚେୟାରମ୍ୟାନ Besso ସାହେବ ବର୍ଣ୍ଣନା କରିଛନ୍ତି ଏଠାରେ ବହୁତ ଅହେମଦୀଙ୍କ ସହିତ କଥା ହେବାର ଅବସର ମିଳିଲା ଓ ମୁଁ ଏହି ବାର୍ତାଳାପ ସମୟରେ ଏକଥାକୁ ଅନୁଶୀଳନ କରିବାପାଇଁ ଚେଷ୍ଟା କରୁଥିଲି ଯେ, ଏ ଯମାତ୍ କେତେମାତ୍ରାରେ ଧର୍ମୀୟ ସହିଷ୍ଣୁତାର ଖୟାଲ ରଖୁଅଛି ଏ ଉଦ୍ଦେଶ୍ୟରେ ଦୁଇଜଣ ଅହେମଦୀଙ୍କ ସହିତ କଥା ହେବା ସମୟରେ ସେମାନେ ଅଚାନକ ବତାଇଲେ ଯେ, ମୁଁ ମୁସଲମାନ ନୁହେଁ ବରଂ ଇସାଇ । ମୋର ଭାବନା ଥିଲା ଯେ, ଏକଥା ଜାଣି ସେମାନଙ୍କର ବ୍ୟବହାର ବଦଳିଯିବ ବୋଲି କିନ୍ତୁ ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ଯେ, ସେହି ଅହେମଦୀ ବନ୍ଧୁମାନେ ଯେଉଁଭଳି ପ୍ରଥମେ ବହୁତ ସୁନ୍ଦରଭାବେ କଥା ହେଉଥିଲେ ସେହିଭଳି ନିଜର ଚରିତ୍ରକୁ ମଧ୍ୟ ପ୍ରକାଶ କରୁଥିଲେ ଓ କୌଣସି ପ୍ରକାରର ବିଦ୍ୱେଶ ଭାବ ପ୍ରକାଶ କଲେ ନାହିଁ ।

ପଛବର୍ଷ ଜର୍ଜିଆ ୟୁନିଭର୍ସିଟିର ପାଂଚଜଣ ଛାତ୍ରଛାତ୍ରୀ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିଲେ ଏ ବର୍ଷ ମଧ୍ୟ ସେମାନେ ଜଲ୍‌ସାରେ ଯୋଗ ଦେଇଥିଲେ । ସେମାନେ କହିଲେ ଆମକୁ ଏପରି ଲାଗିଲା ଯେପରି ଆମେ ପୂର୍ନବାର ନିଜ ଫ୍ୟାମିଲି ନିକଟକୁ ଲେଉଟି ଆସିଛୁ । ଗତବର୍ଷ ଜଲ୍‌ସା ସାଲାନାରେ ଯେବେ ଏହି ଛାତ୍ରଛାତ୍ରୀ ଆସି ଯୋଗ ଦେଇଥିଲେ । ସେତେବେଳେ ପ୍ରତ୍ୟେକ ନିଜ ପାଇଁ ଗୋଟିଏ ବିଷୟବସ୍ତୁ ଧାର୍ଯ୍ୟ କରିନେଇଥିଲେ ଯାହା ଉପରେ ସେମାନେ ଜଲ୍‌ସା ସାଲାନା ଜର୍ମାନୀ ଚାଲିଥିବା ସମୟରେ ଗବେଷଣା କରିବାର ଥିଲା । ଉଦାହରଣ ସ୍ୱରୁପ ଇସ୍‌ଲାମ୍‌ରେ ମହିଳାମାନଙ୍କୁ ଦିଆଯାଇଥିବା ଅଧିକାର ଇତ୍ୟାଦି । ଜଲ୍‌ସା ସାଲାନାରୁ ଲେଉଟିଯିବାପରେ ସେମାନେ ଇସ୍‌ଲାମ୍ ସମ୍ବନ୍ଧରେ ଏହି ସବୁ ନିବନ୍ଧଗୁଡ଼ିକ ଉପରେ ମୂରବୀ ସାହେବଙ୍କ ଉପସ୍ଥିତିରେ ୟୁନିଭର୍ସିଟିରେ ଗୋଟିଏ ତଫସିଲ୍ ପ୍ରୋଗ୍ରାମ ଅନୁଷ୍ଠିତ କଲେ ।

ଜର୍ଜିଆରୁ ଆସିଥିବା ଜଣେ ଅତିଥି କହିଲେ ଯେ, ମୋର ସମ୍ବନ୍ଧ ଇରାନ୍ ସହିତ ରହିଛି । ମୋ ବ୍ୟାକ୍‌ଗ୍ରାଉଣ୍ଡ ସିହା ସମ୍ପ୍ରଦାୟ ସହିତ ଅଛି । ଏହି କନ୍‌ଫରେନ୍ସରେ ଖଲିଫତୁଲ୍ ମସିହିଲ୍ ଯାହା କିଛି ମଧ୍ୟ ବକ୍ତବ୍ୟ ଦେଇଛନ୍ତି ମୁଁ ପ୍ରତ୍ୟେକ କଥା ସହିତ ସହମତ ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ପବିତ୍ର କୁର୍‌ଆନ୍ ଏ ନିର୍ଦ୍ଦେଶ ଦେଇଛି ଯେ, ଲା ଇକ୍‌ରାହା ଫିଦ୍‌ଦିନ୍ ଅର୍ଥାତ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁସଲମାନ ଶାନ୍ତିପ୍ରୀୟ ଅଟନ୍ତି, ଆମେ ସମସ୍ତଙ୍କ ଉପରେ ଇସ୍‌ଲାମ୍‌ର ବାସ୍ତବିକ ବାର୍ତାକୁ ପ୍ରଚାର କରିବା ଫର୍ଜ ଅଟେ । ପବିତ୍ର କୋରାନ୍ ସମସ୍ତ ଧର୍ମକୁ ଗୋଟିଏ କଥାରେ ଏକତ୍ରିତ ହେବାପାଇଁ ବାର୍ତା ଦେଇଛି । ***ତାଆଲୁ ଇଲା କଲିମତିନ୍ ସଓ୍ୱାଇନ୍ ବଇନନା ଓ୍ୱ ବଇନକୁମ୍*** ଅର୍ଥାତ ଏମିତି ଗୋଟିଏ କେନ୍ଦ୍ରରେ ଏକାଠି ହୋଇଯାଅ ଯାହା ସମସ୍ତଙ୍କ ମଧ୍ୟରେ ଏକ ଥିବ ଓ ତାହା ହେଉଛି ଈଶ୍ୱରଙ୍କର ଅସ୍ତିତ୍ୱ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଇସ୍‌ଲାମ୍‌ରେ ୭୩ ଟି ଫିର୍କା ଅଛି । ଇହୁଦୀମାନଙ୍କର ମଧ୍ୟ ଫିର୍କା ଅଛି । ସିହା ଲୋକମାନେ ଅଛନ୍ତି ପୁଣି ତା ଆଗକୁ ଆହୁରି

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan